

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 DECEMBER 2022

Vol.No. 33 ■ No. 332 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚୀନରେ ପୁଣି କରୋନାର କାୟା ବିସ୍ତାର : ଅଣଆୟତ୍ତ ହେଲାଣି ସଂକ୍ରମଣ



ନୂଆଦିଲ୍ଲୀ, ୨୦/୧୨ : ଉତ୍ପତିସ୍ଥଳରେ ଉତ୍ପାତ କରୁଛି କରୋନା । ଚୀନରେ ପୁଣି କାୟା ବିସ୍ତାର କରୁଛି କରୋନା । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ୩ମାସ ଭିତରେ ଦେଶରେ ୩ଟି ଲହର ଆସିବ । ପ୍ରଥମ ଲହରର ଆରମ୍ଭ ହୋଇସାରିଛି । ଜାନୁଆରୀ ମଧ୍ୟଭାଗରେ ପିକ ଛୁଇଁବ କରୋନା ସଂକ୍ରମଣ । ଜାନୁଆରୀ ଶେଷରେ ୨ୟ ଲହର ଓ ଫେବୃଆରୀରେ ୩ୟ ଲହର ଆସିବା ଆଶଙ୍କା ରହିଛି । ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ ରାଜଧାନୀ ବେଜିଂର ୭୦ ପ୍ରତିଶତ ଲୋକ କୋଭିଡରେ ସଂକ୍ରମିତ ହୋଇସାରି ସାରିଲେଣି ଓ ସଂକ୍ରମିତଙ୍କ ମୃତ୍ୟୁ ମଧ୍ୟ ଆରମ୍ଭ ହୋଇଛି । ହଠାତ ଏତେ ମାତ୍ରାରେ ସଂକ୍ରମଣ ବୃଦ୍ଧି ପଛରେ ଓମିକ୍ରନର ଉପପ୍ରଜାତି କାରଣ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଓମିକ୍ରନର ଦୁଇଟି ଉପପ୍ରଜାତି ବିଏ-ଫାଇଭ-ଫଂଏଟ-ଟୁ ଓ ବି-ଏଫ-ଫଂଏଟ ସେଭେନ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଛି । ଦେଶରୁ ଜିରୋ କୋଭିଡ ନୀତି ଉଠାଇବା ପରେ ଏଠାକାର ପ୍ରକୃତ ସ୍ଥିତି ଉପରୁ ପର୍ଦ୍ଦା ଉଠିଛି । ଗୋଟେ ପଟେ ହସପିଟାଲରେ ରୋଗୀଙ୍କ ଭିଡ ଓ ଅନ୍ୟପଟେ ଶଶ୍ମାସଘାଟରେ ଆତ୍ମୀୟଙ୍କ ଭିଡ ଦେଖିବାକୁ ମିଳିଛି । ବେଜିଂ, ସାଂଘାଇ ଓ ଗୁଆଁଗଝାଓରେ ସହ ଅନ୍ୟ କିଛି ସହରରେ ଦୈନି ସଂକ୍ରମଣ ୨ହଜାରରୁ ଅଧିକ ରହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ସ୍କୁଲ ବନ୍ଦ କରାଯାଇ ଅନଲାଇନ ପାଠପଢା ଆରମ୍ଭ କରାଯାଇଛି । ସେପଟେ ଆମେରିକାର ଏକ ସ୍ୱାସ୍ଥ୍ୟ ସଂସ୍ଥା ଆକଳନ କରିଛି ଯେ ୨୦୧୩ ମସିହାରେ ଚୀନ ଦେଖିବ କରୋନା ବିସ୍ଫୋରଣ । ପାଖାପାଖି ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ହେବ । ସେପଟେ ଭାରତୀୟ ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ ଏଭଳି ସ୍ଥିତିରେ ସଜାଗ ରହିବା ଆବଶ୍ୟକ ।

## ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା !



ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଓଡିଶା ରାଜନୀତିରେ ଚହଳ ପକାଇଥିବା ବହୁଚର୍ଚ୍ଚିତ କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କଂଟାବାଞ୍ଜି ଜେଲରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସେ ଜେଲରେ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏହା ପରେ ତାଙ୍କୁ ଡାକ୍ତରଖାନାକୁ ଅଣା ଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ମାମଲାରେ କଂଟାବାଞ୍ଜି ଜେଲ ୱାର୍ଡର ଅକ୍ଷୟ କୁମାର ମହାନ୍ତି ଙ୍କୁ ନିଲମ୍ବନ କରାଯାଇଛି । କାର୍ଯ୍ୟରେ ଅବହେଳା ପାଇଁ ସମ୍ବଲପୁର ରେଂଜ ଜେଲ୍ ଡିଆଇଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଏହି ମାମଲାର କ୍ରାଇମବ୍ରାଂଚ ତଦନ୍ତ ପାଇଁ ପୋଲିସ୍ ଡିଜି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଓଡିଶା ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ମୃତ ଗୋବିନ୍ଦ ସାହୁଙ୍କ ପତ୍ନୀ । ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦ ସାହୁଙ୍କ ପତ୍ନୀ ସୁଷମା ମଙ୍ଗଳବାର ଅପରାହ୍ଣରେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ମୋ ସ୍ୱାମୀ ମାନସିକ ଭାବେ ବହୁତ ଶକ୍ତିଶାଳୀ । ସେ ଆତ୍ମହତ୍ୟା କରିବା ମୁଁ ସହଜରେ ଗ୍ରହଣ କରିପାରୁନାହିଁ । ତାଙ୍କୁ ଯୋଜନା ଅନୁସାରେ ହତ୍ୟା କରାଯାଇଛି । ମୋ ସ୍ୱାମୀଙ୍କ ମୃତ୍ୟୁ ପାଇଁ ପ୍ରଶାସନ ଦାୟୀ । ଜେଲରେ କଡ଼ା ସୁରକ୍ଷା ଭିତରେ ଥାଇ ସେ କିପରି ଆତ୍ମହତ୍ୟା କଲେ ? ଏଥି ପାଇଁ ପୁଲିସ ଦାୟୀ । କିଏ କରିଛି ମୁଁ କହିପାରିବିନି । ଗତକାଲି ୧୧ ଟାରେ ଘରକୁ ଫୋନ କରି ସବୁ ପଚାରିଥିଲେ । ମୋର ନ୍ୟାୟ ଦରକାର ।ସେ କେବେ ଆତ୍ମହତ୍ୟା କରିନାହାନ୍ତି । ତାଙ୍କୁ ପ୍ଲାନ୍ କରି ହତ୍ୟା କରାଯାଇଛି, ଯେଉଁମାନେ ମୋ ସ୍ୱାମୀଙ୍କୁ ରଖିଥିଲେ ସେମାନେ ସୁରକ୍ଷା ଦେଇ ନାହାନ୍ତି । ମୋର ସୁରକ୍ଷା ଦରକାର୍ ବୋଲି ସେ କହିଛନ୍ତି ।

## ଯବାନଙ୍କ ଗୁଳିରେ ତିନି ଆତଙ୍କବାଦୀ ନିହତ : ଏକେ-୪୭ ରାଇଫଲ୍ ଓ ୨ ପିସ୍ତଲ ଜବତ

କାଶ୍ମୀର, ୨୦/୧୨ (ନି.ପ୍ର): ଜମ୍ମୁ-କାଶ୍ମୀରର ଶୋପିୟାଂ ଜିଲ୍ଲାରେ ଆଜି ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଯବାନଙ୍କ ଗୁଳିରେ ତିନି ଆତଙ୍କବାଦୀ ନିହତ ହୋଇଛନ୍ତି । ପ୍ରାଣ ହରାଇଥିବା ତିନି ଆତଙ୍କବାଦୀ ଆତଙ୍କୀ ସଂଗଠନ ଲସ୍କର- ଏ - ତୈୟବା ସଂଗଠନର ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭ ରାଇଫଲ୍ ଏବଂ ୨ଟି ପିସ୍ତଲ ଜବତ ହୋଇଛି । କାଶ୍ମୀର ଏଡିଜିପି ଏନେଇ ସୂଚନା ଦେଇ କହିଛନ୍ତି ଯେ, ଶୋପିୟାଂ ଜିଲ୍ଲାର ମୁଞ୍ଜ ମାର୍ଗରେ କେତେକ ଆତଙ୍କବାଦୀ ଲୁଚି ରହିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ସୂଚନାକୁ ଆଧାର କରି ପୋଲିସ ସମ୍ପୃକ୍ତ ଅଂଚଳକୁ ଘେରାବନ୍ଦୀ କରିଥିଲା । ଆତଙ୍କବାଦୀ ମାନଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା । କିନ୍ତୁ, ସେମାନେ ଗୁଳିଚାଳନା ଆରମ୍ଭ କରିଥିଲେ । ପରେ ଯବାନ ମାନେ ଏହାର ପାଲଟା ଜବାବ ରଖିଥିଲେ । ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ତିନି ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି ।

## ମଶା ନିୟନ୍ତ୍ରଣ ପାଇଁ ଡ୍ରୋନ୍ ସର୍ଭେ: ଉଡ଼ାଣରେ ବାଧକ ସାଜିଲା କଟକଣା



ଭୁବନେଶ୍ୱର, ୨୦/୧୨ (ନି.ପ୍ର): ମଶାଙ୍କ ଉତ୍ପାତ ରାଜଧାନୀବାସୀଙ୍କୁ ନୟାନ୍ତ କରିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଏମ୍ସି ଡ୍ରୋନ ସହାୟତାରେ ମଶା ମରା ଅଭିଯାନ ଆରମ୍ଭ କରିଛି । କିନ୍ତୁ ଏବେ ଏହାକୁ ନେଇ ଦେଖା ଦେଇଛି ବିବାଦ । ଭାରତୀୟ ବିମାନ ବନ୍ଦର ବା ଏଏଆଇର ବିନା ଅନୁମତିରେ ବିଏମସି ଡ୍ରୋନ୍ ଉଡ଼ାଇଥିବା ଜଣାପଡ଼ିଛି । ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ବିଏମସିକୁ ନୋଟିସ୍ ପଠାଇଛି । ଡ୍ରୋନ୍ ଉଡ଼ାଇବାକୁ ହେଲେ ଡିଜିସିଏ ଓ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ନିହାତି ଦରକାର । କିନ୍ତୁ ବିଏମସି ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏନେଇ କୌଣସି ତଥ୍ୟ ପ୍ରଦାନ କରିନାହିଁ । ଏପରି ଡ୍ରେନ୍ ଉଡ଼ିଲେ, ବିମାନ ପାଇଁ ବିପଜ୍ଜନକ ହୋଇପାରେ ବୋଲି କୁହାଯାଉଛି । ତେବେ ବିନା ଅନୁମତିରେ ରାଜଧାନୀ ଆକାଶରେ କିପରି ଡ୍ରୋନ୍ ଉଡ଼ିଲା, ସେନେଇ ବିଏମସିକୁ ରିପୋର୍ଟ କରିଛି ଏଏଆଇ । ବିନା ଅନୁମତିରେ ଡ୍ରୋନ୍ ଉଡ଼ାଣକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଏମସି ମେୟର ସୁଲୋଚନା ଦାସ । କହିଛନ୍ତି, ଡ୍ରୋନ୍ ଉଡ଼ାଣ ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯିବ । ଯାହା ଯାହା ଆବଶ୍ୟକ ଗାଇଡଲାଇନ୍ ରହିଛି, ସେସବୁର ପୂରା ପାଳନ କରାଯିବ ବୋଲି ମେୟର କହିଛନ୍ତି । କିଛି ଦିନ ହେଲା ମଶା ଯୋଗୁଁ ଅତିଷ୍ଠ ହୋଇ ପଡିଛନ୍ତି ରାଜଧାନୀବାସୀ । ସେଥିପାଇଁ କୋଲକାତା ଷ୍ଟାଇଲରେ ମଶା ବଂଶ ଲୋପ କରିବା ପାଇଁ ଡ୍ରୋନ ବ୍ୟବହାର କରିଛି ବିଏମ୍ସି ।

## ଧରାହେଲେ ମୋ ବସ୍ ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): କେଉଁ ଉପାୟରେ ଲୁଟେରାମାନେ ମୋ ବସ୍‌ରୁ ଯାତ୍ରୀମାନଙ୍କ ଠାରୁ ଲୁଟ୍ କରୁଛନ୍ତି, ଆଜି ତା'ର ପର୍ଦ୍ଦାଫାସ କରିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ଏକ ସମ୍ବାଦିକ ସମ୍ମିଳନୀରେ ଡିସିପି କହିଛନ୍ତି, ମୋ ବସ୍‌ରୁ ଚୋରି ଘଟଣାରେ ୭ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଗିରଫ କରାଯାଇଛି । ସେମାନେ ହେଲେ କଟକ ବିଡ଼ାନାସୀର ନିକୁଞ୍ଜ ସାମନ୍ତରାୟ, ମଙ୍ଗଳବାଗର ସେଖ୍ ମୁନା, ହଲିମ ଖାନ, ସେକ୍ ସୁଲତାନ, ଢେଙ୍କାନାଳର ପ୍ରଫୁଲ୍ଲ ବାରିକ ଏବଂ ପୁରୀର ଦୁର୍ଯ୍ୟୋଧନ ମହାପାତ୍ର ଓ ସେଖ୍ ଫିରୋଜ । ଏମାନେ ମୋ ବସ୍‌ରେ କୃତ୍ରିମ ଭିଡ଼ ସୃଷ୍ଟିକରି ଲୁଟ୍ କରୁଥିଲେ । ଡିସିପିଙ୍କ ସୂଚନା ଅନୁଯାୟୀ, ଏହି ଲୁଟେରା ଗ୍ୟାଙ୍ଗ କଟକ-ଭୁବନେଶ୍ୱର ରୁଟ୍‌ରେ ଚାଲୁଥିବା ବସ୍‌ଗୁଡ଼ିକୁ ଟାର୍ଗେଟ କରୁଥିଲେ । ସେମାନେ ବରମୁଣ୍ଡାରୁ ମୋ ବସ୍‌ରେ ଚଢ଼ି କଟକରେ ଓହ୍ଲାଉଥିଲେ । ସମସ୍ତେ ଗୋଟିଏ ବସ୍‌ରେ ହିଁ ଚଢୁଥିଲେ । ବସ୍‌ରେ ଭିଡ଼ ଥିଲେ ଏହି ୭ ଜଣ ତା'ର ସୁଯୋଗ ନେଇ ଟାର୍ଗେଟ କରିଥିବା ଯାତ୍ରୀଙ୍କୁ ଘେରି ଠିଆ ହେଉଥିଲେ । ଆଉ ମଉକା ଦେଖି ତାଙ୍କ ପାଖରୁ ଟଙ୍କା ଓ ମୋବାଇଲ୍ ଆଦି ଲୁଟ୍ କରୁଥିଲେ । ଗିରଫ ୭ ଅଭିଯୁକ୍ତଙ୍କ ନାଁରେ ୬ଟି ମାମଲା ରହିଛି । ▶▶ପୃଷ୍ଠା ୭

## ଇଡକଲ୍ ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢାଉ



ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଇଡକଲ୍ ଡେପୁଟି ମ୍ୟାନେଜର ଗୟା ସାଁତରାଙ୍କ ଘର ସମେତ ମୋଟ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଉଛି । ଯାଂଚ ବେଳେ ଇଡକଲ୍ ଡେପୁଟି ମ୍ୟାନେଜର ଗୟା ସାଁତରାଙ୍କ ଅମାପ ସମ୍ପତି ଠାବ ହୋଇଛି । ଗୟା ସାଁତରା ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବିଭିନ୍ନ ବ୍ୟାଙ୍କରେ ରହିଛି ୧୬ଟି ଆକାଉଂଟ । ସେଥିରୁ ୪ଟି ଆକାଉଂଟର ଯାଂଚ ବେଳେ ୪.୧୯କୋଟିରୁ ଅଧିକ ଟଙ୍କା ରହିଥିବା ଜଣାପଡିଛି । ଅନ୍ୟ ବ୍ୟାଙ୍କ ଆକାଉଂଟ ଗୁଡ଼ିକୁ ଯାଂଚ କରାଯହାଉଛି । ଏଥିସହ ଗୟାଙ୍କର ୨ଟି ୪ ଚକିଆ ଓ ୪ଟି ୨ ଚକିଆ ଗାଡ଼ି ରହିଛି । ଯେଉଁଥିରେ ଗୋଟିଏ ହ୍ୟୁଣ୍ଡାଇ କ୍ରେଟା, ଗୋଟିଏ ଗ୍ରାଣ୍ଡ ଆଇ ଟେନ୍ ଠାବ ହୋଇଛି । ସେହିପରି ତାଙ୍କର ଭୁବନେଶ୍ୱର, ଯାଜପୁର ଓ ନୟାଗଡ଼ରେ ୧୩ଟି ପ୍ଲଟ ଠାବ ହୋଇଛି । ଗୟା ସାଁତରାଙ୍କ ୨ଟି ବହୁତଳ କୋଠା ମଧ ଠାବ କରିଛି ଭିଜିଲାନ୍ସ । ଏବେ ମଧ ସର୍ଚ୍ଚ ଅପରେସନ୍ କରୁଛି ଭିଜିଲାନ୍ସ । ମିଳିଥିବା ସୂଚନା ଅନୁସାରେ ଇଡକଲ୍ ଅମ୍ପାଭାଲି ଲାଇମ୍ ଷ୍ଟୋନ ମାଇନ୍ସ ଡେପୁଟି ମ୍ୟାନେଜର ଗୟା ସାନ୍ତରାଙ୍କ ଭୁବନେଶ୍ୱର, କୋରାପୁଟ, ରାୟଗଡ଼ା ଓ ନୟାଗଡ଼ ସମେତ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି ।ଏହି ଚଢ଼ାଉରେ ୭ ଡିଏସପି, ୪ ଜଣ ଇନ୍ସପେକ୍ଟର, ଜଣେ ସବ୍-ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇ ଏବଂ ଅନ୍ୟ କର୍ମଚାରୀମାନେ ନିୟୋଜିତ ଅଛନ୍ତି ।

## ୫ ଦେଶରେ କୋଭିଡ ସଂକ୍ରମଣ ବଢିବା ପରେ ଆଲର୍ଟରେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୨୦/୧୨ : ଚୀନ ଓ ଆମେରିକା ସମେତ ପାଂଚଟି ଦେଶରେ କରୋନା ସଂକ୍ରମଣ ବଢିବା ପରେ କେନ୍ଦ୍ର ସରକାର ଆଲର୍ଟ ହୋଇଯାଇଛନ୍ତି । ନମୁନାକୁ ଜେନମ ସିକ୍ୱେନ୍ସ ପାଇଁ ପଠାଇବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି କେନ୍ଦ୍ର ସରକାର । ଏହାଦ୍ୱାରା ସମୟ ପୂର୍ବରୁ ନୂଆ ଭାଂରିଆଟ ସମ୍ପର୍କରେ ଜଣାପଡିବ ବୋଲି କୁହାଯାଇଛି । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଲେଖିଥିବା ଚିଠିରେ କୁହାଯାଇଛି, କରୋନାର ନୂଆ ଭାଂରିଆଂଟ ଜାଣିବା ପାଇଁ ଜେନମ ସିକ୍ୱେନ୍ସ ଜରୁରୀ ।ଏଥିପାଇଁ ସମସ୍ତ ରାଜ୍ୟକୁ ନମୁନା ପଠାଇବା ପାଇଁ କୁହାଯାଇଛି । ଏଥିସହ ସମସ୍ତ ରାଜ୍ୟକୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି । କୋଭିଡ ଟିକାକରଣ ଅଭିଯାନର ମୁଖ୍ୟ ଆଜି କହିଛନ୍ତି, ପଡୋଶୀ ଚୀନରେ କରୋନା ବଢୁଥିଲେ ବି ଭାରତକୁ ସେଭଳି ଚିନ୍ତା କରିବାର ଆବଶ୍ୟକ ନାହିଁ । କାରଣ-ଦେଶର ଟିକାକରଣ ହୋଇସାରିଛି । ଦୁନିଆରେ ଦେଖାଦେଇଥିବା ନୂଆ ଭାରିଆଂଟ ଭାରତରେ ମିଳିସାରିଛି । ତେଣୁ ସାବଧାନ ଜରୁରୀ । ଚୀନରେ ଏ ଯାଏଁ ଅନେକ ଲୋକଙ୍କ ଟିକାକରଣ ସରିନାହିଁ ।

## ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜି

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର ସିଆଇଡି-କ୍ରାଇମବ୍ରାଂଚ ତଦନ୍ତ କରିବ । ଏପୋଲିସ ଡିଜି ମାମଲାର ସିଆଇଡି-କ୍ରାଇମବ୍ରାଂଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ କଂଟାବାଞ୍ଜି ପୁଲିସ ହାତରୁ ତଦନ୍ତ ଭାର ନେବ କ୍ରାଇମବ୍ରାଂଚ । କ୍ରାଇମବ୍ରାଂଚର ଡିଏସ୍‌ପି ବିଜୟ ମଲିକଙ୍କୁ ନେଇ ଗଠିତ ୪ ଜଣିଆ କ୍ରାଇମ୍‌ବ୍ରାଂଚ ଟିମ୍ ମାମଲାର ତଦନ୍ତ କରିବ । ଏହି ସମୟରେ ଉକ୍ତ ଟିମ୍ କୁ ସାଇବର ଏକ୍ସପର୍ଟ ଓ ରାଜ୍ୟ ପୁଲିସର ଅଧିକାରୀଙ୍କୁ ନେଇ ଗଠିତ ୧୦ ଜଣିଆ ଟିମ୍ ସହାୟତା କରିବ । ଗୋବିନ୍ଦଙ୍କ ମୃତ୍ୟୁ ନେଇ କଂଟାବାଞ୍ଜି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସେପଟେ ଏହି ଘଟଣାକୁ ଗୁରୁତର ସହ ନେଇ ନିଜ ଆଡୁ ମାମଲା କରିଛନ୍ତି ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି) ଓ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜେଲ୍ ଡିଜି ଏବଂ ବଲାଙ୍ଗିର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନସାଇନ୍ ପବ୍ଲିକ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ମଙ୍ଗଳବାର ସକାଳେ କଂଟାବାଞ୍ଜି ଜେଲରେ ଆତ୍ମହତ୍ୟା କରିଛନ୍ତି । ଏନେଇ ଜେଲ୍ ଅତିରିକ୍ତ ଡିଜି ଦୀପ୍ତେଶ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ଜେଲ୍ ଡିଆଇଜି ତଦନ୍ତ ପାଇଁ କଂଟାବାଞ୍ଜି ଯାଇଛନ୍ତି । ସେ ଆମକୁ ରିପୋର୍ଟ ଦେବେ । ଏନଏଚଆରସିର ଗାଇଡଲାଇନ ଅନୁଯାୟୀ ତଦନ୍ତ ହେବ, ଯେଉଁଥିରେ ସବୁ ଦିଗକୁ ନେଇ ତଦନ୍ତ କରାଯିବ । ଏହି ଘଟଣାରେ ଅବହେଳା ହୋଇଛି କି ନାହିଁ, ସେସବୁ ଦିଗକୁ ନେଇ ତଦନ୍ତ ହୋଇଛି, ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ।

## କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ନେତାଙ୍କ ଆପତ୍ତିଜନକ ଟିପ୍ପଣୀ : ସ୍ମୃତି ଇରାନୀଙ୍କୁ ଟାର୍ଗେଟ କଲେ ଅଜୟ ରାୟ



ନୂଆଦିଲ୍ଲୀ, ୨୦/୧୨ : ୨୦୨୪ ନିର୍ବାଚନ ପୂର୍ବରୁ ପୁଣି ଆମେଠି ଆସନକୁ ନେଇ ଚର୍ଚ୍ଚା । ଉତରପ୍ରଦେଶ କଂଗ୍ରେସ ଅଧକ୍ଷ ଅଜୟ ରାୟଙ୍କ ଏକ ବୟାନକୁ ନେଇ ପୁଣି ଆମେଠିକୁ ଲାଇମଲାଇଟକୁ ଆଣିଛି । କିଛି ଦିନ ପୂର୍ବରୁ ଅଜୟ ରାୟ ଏକଥା ଦାବି କରିଥିଲେ କି ଏଥରକ ପୁଣି ଥରେ ରାହୁଲ ଆମେଠି ଆସନରେ ଲଢିବେ ଓ ସ୍ମୃତି ଇରାନୀଙ୍କୁ ହରାଇବେ । ଏଥିସହ କଂଗ୍ରେସ ନେତା ଅଜୟ ରାୟ କେନ୍ଦ୍ରମନ୍ତ୍ରୀଙ୍କ ଉପରେ ବଡ ଅଭିଯୋଗ ଆଣିଥିଲେ । କେବଳ ସେତିକି ନୁହେଁ ସ୍ମୃତିଙ୍କ ଉଦ୍ଦେଶ୍ୟରେ ସେ ଏକ ଆପତିଜନକ ଟିପ୍ପଣୀ ମଧ ଦେଇଥିଲେ । ଅଜୟ ରାୟ କହଥିଲେ ଆମେଠିରେ କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟ କରାଯାଉନି । ନିର୍ବାଚନ କ୍ଷେତ୍ରକୁ ସ୍ମୃତି ଇରାନୀ ବେଳେ ବେଳେ ଆସୁଛନ୍ତି ଓ ବୁଲି ଦେଇ ଚାଲି ଯାଉଛନ୍ତି । ଏହି କଥା କହିବା ସମୟରେ ଅଜୟ ରାୟ ଦୁଇଟି ଅପଶବ୍ଦ ମଧ ପ୍ରୟୋଗ କରିଥିଲେ । ▶▶ପୃଷ୍ଠା ୭

## ରାଜସ୍ଥାନ କଂଗ୍ରେସର ବଡ଼ ମାଷ୍ଟର ଷ୍ଟ୍ରୋକ: ଗରିବଙ୍କୁ ୫ ଶହ ଟଙ୍କାରେ ମିଳିବ ଗ୍ୟାସ ସିଲିଣ୍ଡର



ନୂଆଦିଲ୍ଲୀ, ୨୦/୧୨ : ରାଜସ୍ଥାନର କଂଗ୍ରେସ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏକ ବଡ ନିଷ୍ପତି ଏବେ ଚର୍ଚ୍ଚାର ଖୋରାକ ଯୋଗାଇଛି । ଆଗାମୀ ବର୍ଷ ରାଜସ୍ଥାନରେ ବିଧାନସଭା ନିର୍ବାଚନ ଅଛି । ଏହାପୂର୍ବରୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଓ ଉଜ୍ଜଳା ଯୋଜନାରେ ପଂଜୀକୃତ ଲୋକଙ୍କୁ ୫ ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର ଦେବାକୁ ଘୋଷଣା କରିଛନ୍ତି । କୁହାଯାଉଛି , ଉଜ୍ଜଳା ଯୋଜନା ସହାୟତାରେ ୨୦୧୯ରେ ମହିଳା ଭୋଟକୁ ଟାର୍ଗେଟ କରିଥିଲା ବିଜେପି । ଏବେ ରାଜସ୍ଥାନରେ ଏହି ଯୋଜନାକୁ ହାଇଜ୍ୟାକ କରି ଓ ଗ୍ୟାସ ଦର କମାଇ ଅଶୋକ ଗେହଲଟ ଏକ ବଡ ମାଷ୍ଟରଷ୍ଟ୍ରୋକ ଖେଳିଛନ୍ତି । ରାଜସ୍ଥାନ ସରକାରଙ୍କ ଶସ୍ତାରେ ଗରିବଙ୍କୁ ସିଲିଣ୍ଡିର ଦେବାକୁ ଘୋଷଣା ହେବା ପରେ ଓଡିଶାରେ ଏହାର ଲାଗୁ ହେବା ନେଇ ବିତର୍କ ଆରମ୍ଭ ହୋଇଛି । ▶▶ପୃଷ୍ଠା ୭

# ଜନକଠାରେ ବାଦିପାଲା ଉଦ୍‌ଯାପିତ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ

ଧର୍ମଶାଳା, ୨୦/୧୨ (ନି.ପ୍ର): ସମ୍ପ୍ରତି ସମାଜରେ ବହୁ ପୁରାତନ ସଂସ୍କୃତି ହଜିବାକୁ ବସିଲାଣି । ତେବେ ଏହି ସଂସ୍କୃତିକୁ ବଂଚାଇ ରଖିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଉଦ୍ୟମ ଜାରି ରଖିଛନ୍ତି । ତେବେ ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ଜନକ ଗ୍ରାମରେ । ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଓମ୍ ମା ତାରିଣୀ କଳାପରିଷଦ' ଅନୁକୂଲ୍ୟରେ ଜନକ ଦୂର୍ଗା ମଣ୍ଡପ ପରିସରରେ ୩ ଦିନ ଧରି ଚାଲିଥିବା ବାଦିପାଲା ଉଦଯାପିତ ହୋଇଯାଇଛି । ଏହି ବାଦିପାଲରେ ଓଡିଶାର ସୁନାମଧନ୍ୟ ଗାୟକ ସୁଧାକର ଦତକୃଷ୍ଣ ପଣ୍ଡା ଓ ଗାୟକବାଗ୍ମୀ ନାରାୟଣ ମହାରଣା ପ୍ରମୁଖ ଯୋଗ ଦେଇ ପାଲା ପରିବେଷଣ କରିଥିଲେ । ଏହି ପାଲା ପରିବେଷଣ କରି ଓଡିଶାର କଳା ସଂସ୍କୃତି, ପୁରାଣ ଓ ଛାନ୍ଦ ପରିବେଷଣ କରି ଲୋକମାନଙ୍କ ମନ ମୁଗ୍ଧ କରିଥିଲେ । ଏହି ଉଦଯାପନି ଉତ୍ସବରେ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବ ପ୍ରତିଭାମାନେ ଏବେ ମୋବାଇଲ ସେବାରେ ବ୍ୟସ୍ତ ରହି ନିଜର ପ୍ରଥମ କର୍ତବ୍ୟକୁ ଭୁଲି ଯାଉଛନ୍ତି । ମୋବାଇଲ ପଛରେ ନ ଧାଇଁ ଅବସର ସମୟରେ ପୁରାଣ ପୁସ୍ତକ ପଢିବା ପାଇଁ ସମ୍ବର୍ଦ୍ଧିତ ପ୍ରତିଭାମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କଳାପରିଷଦର ସଭାପତି ଅଖିଳ କୁମାର ଜେନା, ସମ୍ପାଦକ ସୁନନ୍ଦ ନାୟକ,ବରିଷ୍ଠ ସଭ୍ୟ ପତିତ କୁମାର ନାୟକ,ବରିଷ୍ଠ ଶିକ୍ଷକ ଅନାଦି ଚରଣ ପ୍ରଧାନ, ପ୍ରତାପ କୁମାର ଦେଓ, ରବିନ୍ଦ୍ର ନାୟକ, ଶିଶିର ସ୍ୱାଇଁ, ରବି ନାରାୟଣ ଜେନା, ତପନ କୁମାର ଜେନା, ମନୋଜ ରଂଜନ ଜେନା, ଦୁଃଶାସନ ଦାସ , ପତିତ ନାୟକ, ମୁକ୍ତେଶ୍ୱର ଜେନା ଓ ଅନୁଷ୍ଠାନ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ପାଲା ଦେଖିବା ପାଇଁ ଜନକ ସମେତ ଅରାବଳ, ମହନପୁର, ବଡବାଲିକୁଦା, ସାନ ବାଲିକୁଦା, କଦମପାଳ, ନୋଷ୍ଟା, ବନ୍ଧଡିହ , ବନମାଳିପୁର ଓ ବ୍ରହ୍ମବରଦା ଆଦି ଅଂଚଳରୁ ବହୁ ପାଲାପ୍ରେମୀ ଯୋଗ ଦେଇ ପାଲା ଉପଭୋଗ କରିଥିଲେ ।

# ସମ୍ବାଦ ସାହିତ୍ୟ ଘରର ମାସିକ ଆସର ଓ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): ସମ୍ବାଦ ସାହିତ୍ୟ ଘର କେନ୍ଦ୍ରାପଡାର ମାସିକ ଆସର ଅବସରରେ ସଂଗ୍ରାମୀ ଜନନେତା ପୂର୍ବତନ ସାଂସଦ ମୋହନ ଜେନାଙ୍କ ଅମ୍ଳାନ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଅବନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ବାମପନ୍ଥୀନେତା ଉମେଶ ଚନ୍ଦ୍ର ସିଂ, ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ସମାଜସେବୀ ଅଧାପକ ଅଜୟ ରାଉତ, ମେଜର ଭରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସଂଗ୍ରାମୀ ଜନନେତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ତାଙ୍କୁ ଓଡିଶାରେ ବାମପନ୍ଥୀ ଛାତ୍ର ଆନ୍ଦୋଳନ ଓ ସାମାଜିକ ନ୍ୟାୟ ଆନ୍ଦୋଳନର ଅଗ୍ରଯୋଦ୍ଧା ଭାବେ ଅବିହିତ କରିଥିଲେ । କେନ୍ଦ୍ରାପଡା ମାଟିରେ ଛାତ୍ର ଜୀବନରୁ ନିଜର ସାମାଜିକ ସାଂଗଠନିକ ଜୀବନ ଆରମ୍ଭ କରିଥିବା ସଂଗ୍ରାମୀ ଜେନା ଜଣେ ପୂର୍ବତନ ସାଂସଦ ବା ରାଜନେତା ନୁହେଁ ବରଂ ଜଣେ ସଂଗ୍ରାମୀ ଜନନେତା, ସାମାଜିକ ଓ ଅର୍ଥନୈତିକ ନ୍ୟାୟ ଆନ୍ଦୋଳନର ଯୋଦ୍ଧା ଭାବରେ ଅଗଣିତ ସାଧାରଣ ମଣିଷଙ୍କ ମଧ୍ୟରେ ସେ ସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ସଭାର ଦ୍ୱିତୀୟ ଭାଗରେ କବି ନୃସିଂହ ଚରଣ ତ୍ରିପାଠୀ ଓ ଶରତ ରାଉତଙ୍କ ସଂଯୋଜନାରେ କବିତା ପାଠରେ କବିମାନେ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଆଶିଷ ସେନାପତି, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଅମର ପ୍ରସାଦ ରାଉତ, ରାମକୃଷ୍ଣ ଦାଶ, ରଣଧୀର ଜେନା, ଅବଧୂତ ରାଉତ, ବୈଷ୍ଣବ ସ୍ୱାଇଁ, ନିରାକାର ଜେନା, ଶୈଳବାଳା ସାମଲ, ପବିତ୍ର ମୋହନ ପଟ୍ଟନାୟକ, ଶରତ ସାମଲ, ଅନିରୁଦ୍ଧ ଆଚାର୍ଯ୍ୟ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ସଂଗଠନର ସମ୍ପାଦକ ଆଦିକନ୍ଦ ରାଉଳ ପୂର୍ବାଭାଷ ଦେଇଥିବା ବେଳେ ନିରୂପମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଠାଣି ସାମନ୍ତ ଗଣିତରେ ସଫଳତା ପାଇଲେ କେଶା କିରୀଟିନୀ

କନ୍ଧମାଳ , ୨୦/୧୨ (ନି.ପ୍ର): ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ କେଶା କିରୀଟିନୀ ଧଳ, ପଠାଣି ସାମନ୍ତ ଗଣିତ ପ୍ରତିଭା ମେଧା ବୃତ୍ତିରେ ଫୁଲବାଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେ ଜଣେ ମେଧାବୀ ଛାତ୍ରୀ । ପାଠପଢା ସହ ବକ୍ତୃତା, ପ୍ରବନ୍ଧ, କବିତା ଲିଖନ ଓ ଚିତ୍ର ଆଙ୍କିବାରେ ତାଙ୍କର ସ୍ୱତନ୍ତ୍ର ରୁଚି ଅଛି । ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଭାଗନେଇ ସେ ବହୁବାର ପୁରସ୍କୃତ ହୋଇଛନ୍ତି । ଷଷ୍ଠ ଶ୍ରେଣୀରେ ଆୟୋଜିତ ପଠାଣି ସାମନ୍ତ ଗଣିତ ମେଧାରେ ମଧ୍ୟ ସେ କୃତକାର୍ଯ୍ୟ ହୋଇ ସରକାରୀ ବୃତ୍ତି ପାଉଛନ୍ତି । ପ୍ରକାଶଯୋଗ୍ୟ ସୁଶ୍ରୀ କେଶା କିରୀଟିନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଡୁମୁଡିବନ୍ଧର ପ୍ରଧାନ ଆଚାର୍ଯ୍ୟ ତଥା କନ୍ଧମାଳର ବିଶିଷ୍ଟ ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳଙ୍କ ସାନ ଝିଅ ଅଟନ୍ତି । ଏ ସମସ୍ତ ଶ୍ରେୟ ସେ ତାଙ୍କ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କୁ ଦେଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଶିଷ୍ଟ ରୋଟାରୀଆନ ତଥା ଜିଲ୍ଲା ଲେଖକ ସମ୍ମୁଖ୍ୟ ର ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି । କେଶାଙ୍କ ସହ ନବମ ଶ୍ରେଣୀର ଆଉ ଛଅ ଜଣ ଓ ଷଷ୍ଠ ଶ୍ରେଣୀରେ ଦଶ ଜଣ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି ।

# ଶୁଳିଆ ମହୋତ୍ସବ କମିଟିର ଚୂଡାନ୍ତ ପ୍ରସ୍ତୁତି ବୈଠକ : ୨୫ ରୁ ଆରମ୍ଭ ହେବ ଶୁଳିଆ ମହୋତ୍ସବ

ବଲାଙ୍ଗିର, ୨୦/୧୨ (ନି.ପ୍ର): ଏ ବର୍ଷର ଶୁଳିଆ ମହୋତ୍ସବ ପାଳନ କରିବା ପାଇଁ ଗତକାଲି ଶୁଳିଆ ମହୋତ୍ସବ କମିଟିର ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ତିନି ଦିନ ଧରି ଧୁମଧାମ୍ରେ ଶୁଳିଆ ମହୋତ୍ସବ ପାଳନ କରାଯିବା ନେଇ କମିଟି ସୂଚନା ଦେଇଛି । ବିଗତ ଦୁଇ ବର୍ଷ ହେବ କୋଭିଡ କଟକଣା ଯୋଗୁଁ ସାଧାରଣ ଜନତାଙ୍କ ପାଇଁ ଏହି ମହୋତ୍ସବ ବନ୍ଦ ରହିଥିବା ବେଳେ ଏବର୍ଷ ଶୁଳିଆ ଭକ୍ତମାନେ କିପରି ମାଁଙ୍କ ଦର୍ଶନ ପାଇବା ସହିତ ତିନି ଦିନ ଧରି ମନୋରଞ୍ଜନ କରି ପାରିବେ ତାଉପରେ କମିଟି ବିଶେଷ ଧାନ ଦେଇଛି ବୋଲି କମିଟିର ସଭାପତି ମୟ ପଧାନୀ କହିଛନ୍ତି ।

ଖଇରଗୁଡା ସ୍ଥିତ ଶୁଳିଆପଦାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ପଧାନୀ ନିଜ ପ୍ରତିକ୍ରିୟାରେ ଆହୁରି କହିଛନ୍ତି ଯେ, ସମସ୍ତ ଦ୍ୱନ୍ଦର ଅବସାନ ଘଟିଛି । ସମସ୍ତ ଶୁଳିଆ ଆୟୋଜକ ମିଳିତ ଭାବେ ଶୁଳିଆ ମହୋତ୍ସବ ପାଳନ କରିବା ନେଇ ସହମତି ପ୍ରଦାନ କରିଛନ୍ତି । ବିଗତ ବର୍ଷମାନଙ୍କରେ ପିଇବା ପାଣି, ଯାତାୟତ ଓ ଟ୍ରାଫିକକୁ ନେଇ ଅନେକ ସମସ୍ୟା ଦେଖା ଦେଉଥିଲା । ଗତ ୧୬ ତାରିଖରେ ଶୁଳିଆ କମିଟି ପକ୍ଷରୁ ଏହାର ସମାଧାନ ନେଇ ଜିଲ୍ଲା ପ୍ରଶାସନ ସହ ସବିଶେଷ ଚର୍ଚ୍ଚା କରାଯାଇଥିଲା । ଜିଲ୍ଲା ପ୍ରଶାସନ ଏସବୁ ଦିଗରେ ସୁବନ୍ଦୋବସ୍ତ କରାଯିବା ସହ ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି । ତାଛଡା ଶୁଳିଆ ମହୋତ୍ସବକୁ ଆହୁରି ଲୋକାଭିମୁଖି କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କମିଟି ଅଂଟା ଭିଡିଛି । ଯାହା ସାରା ରାଜ୍ୟର ଶୁଳିଆ ପ୍ରେମୀଙ୍କୁ ଆକୃଷ୍ଟ କରିବା ସହ ଅଂଚଳର ଆଦିବାସୀ ସଂସ୍କୃତିକୁ ଆହୁରି ବ୍ୟାପକ ଓ ଦିର୍ଘସ୍ଥାୟୀ କରିବ ବୋଲି ଶ୍ରୀ ପଧାନୀ ପ୍ରାକାଶ କରିଛନ୍ତି । ସେହିପରି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ସମସ୍ତ ରିତି ନୀତି ଅନୁସାରେ ପୂଜା କରାଯିବ । ସୋମବାର ଦିନ ସକାଳୁ ବରଣ, ସଂନ୍ଧ୍ୟାରେ ନିଶି ଓ ମଙ୍ଗଳବାର ସକାଳୁ ବିଧିବଦ୍ଧ ଭାବେ ପୂଜା କରାଯିବ ବୋଲି ଶୁଳିଆର ମୁଖ୍ୟ ପୂଜକ ସୁଚନା ଦେଇଛନ୍ତି । ଏହି ବୈଠକରେ ଶୁଳିଆ ମହୋତ୍ସବ କମିଟିର ଉପସଭାପତି ପ୍ରଫୁଲ୍ଲ ଦାଶ, ଅନ୍ତ ଚୌହାନ, ସଂପାଦକ ପ୍ରଭାତ ପାତ୍ରମ ସହ ସଂପାଦକ ସତ୍ୟ କାଲସାଏ, ରାଜେନ୍ଦ୍ର ପାଣୀ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ରଣା, ମନବୋଧ ହରପାଲ, ପରମେଶ୍ୱର ନାଏକ, ଲୋଚନ ହନ୍ନା, ସୁଦର୍ଶନ ପଧାନ, ସୁବାଷ ନାଏକ, ଅର୍ଜୁନ ସାହୁ ଓ ଅମର ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗିର ନଗର ତୈଳିକ ବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ

ବଲାଙ୍ଗିର, ୨୦/୧୨ (ନି.ପ୍ର): ସ୍ଥାନୀୟ ରାଧାମାଧବ ମନ୍ଦିର ସାଲେପାଲି, ବଲାଙ୍ଗିର ଠାରେ ନଗର ତୈଳିକ ସମାଜର ବନ୍ଧୁମିଳନ ତଥା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧକ୍ଷତା କରି ନଗର ସଭାପତି ରେବତିକାନ୍ତ ସାହୁ ସମାଜର ଉନ୍ନତି ସକାଶେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଏହି ଅବସରରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ସଭାପତି ତଥା ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସମାଜର ମଙ୍ଗଳ କାମନା କରିଥିଲେ ଏବଂ ବିଶିଷ୍ଟ ଶିକ୍ଷାବିତ୍ ଲେଖକ, କବି ତଥା ଅବସରପ୍ରାପ୍ତ ଅର୍ଥନିତି ପ୍ରଫେସର ଡ. ରାଜନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାଜର ଇତିହାସ ଏବଂ ପୃଷ୍ଠଭୂମି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା କମିଟିର ସଭାପତି ଉମାକାନ୍ତ ସାହୁ, ସଂପାଦକ ପ୍ରଦୀପ ସାହୁ, ସାଂଗଠାନିକ ସଂପାଦକ ବିକାଶ ରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇ ସମାଜ ବିଷୟରେ ବିଭିନ୍ନ ମତ ରଖିଥିଲେ । ନଗର ସଂପାଦକ ଧ୍ରୁବ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସମାଜ ପାଇଁ ତ୍ୟାଗ ତଥା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡିଶା ପ୍ରଶାସନିକ ସେବା ପ୍ରାପ୍ତ ଶରତ ସାହୁ ଏବଂ ଡ. ସନ୍ଧ୍ୟାରାଣୀ ସାହୁଙ୍କୁ ମାନପତ୍ର ଏବଂ ବରିଷ୍ଠ ସମାଜସେବୀ ରାହାସ ବିହାରୀ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକ୍ ଚେୟାର, ହୁଳହୁଳି ଏବଂ ବଲ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତେଲି ସମାଜର ରକ୍ତଦାନ କରିଥିବା ଯୁବ ବର୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଦୁର୍ଗା ସାହୁ ଏବଂ ଆଶୁତୋଷ ସାହୁ । ଜିଲ୍ଲା ତଥା ନଗର କମିଟିର ସଭ୍ୟ କୃଷ୍ଣ ବିହାରୀ ସାହୁ, ପରମାନନ୍ଦ ସାହୁ, ପ୍ରମୋଦ ସାହୁ, ଫକିର ସାହୁ, ଆନନ୍ଦ ସାହୁ, ପ୍ରଶାନ୍ତ ସାହୁ, ସୁଦାମ ସାହୁ, ଯୁବ କମିଟିର ସଭାପତି ଅନୁପ ସାହୁ, ସଂପାଦକ ଅଙ୍କିତ ସାହୁ, ମହିଳା କମିଟିର ସଭାପତି ଗୌରୀ ସାହୁ, ସଂପାଦକ ସୁଇଟି ସାହୁ, ସଭ୍ୟା ସବିତା ସାହୁ, କଲ୍ୟାଣି ସାହୁ, ମହେଶ୍ୱତା ସାହୁ, ଝରଣା ସାହୁ ଆଦି ଉପସ୍ଥିତ ରହି ସହଯୋଗ କରିଥିଲେ । ସଭା ଶେଷରେ ନଗର ଉପ-ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ବ୍ରେନ ଟ୍ରି ଟେକ୍ନୋଲୋଜିର ମିଳିତ ଉଦ୍ୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ । ବୃତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ ପ୍ରକୋଷ୍ଠର ସଂଯୋଜିକା ପ୍ରାଧାପିକା ଡଃ. ବାସନ୍ତୀ ଶୁକ୍ଳା ବୃତି ଓ ନିଯୁକ୍ତି ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ବ୍ରେନ ଟ୍ରି ଟେକ୍ନୋଲୋଜିର ନିର୍ଦ୍ଦେଶକ ଇଂ ସଂବିତ କୁମାର ରାଉତ ଏବଂ ତାଙ୍କ ଟିମ ମେମ୍ବରମାନଙ୍କ ଦ୍ୱାରା +୩ ଶେଷବର୍ଷ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କର ଏକ ଲିଖିତ ପରୀକ୍ଷା ଓ ଏକ ବ୍ୟକ୍ତିତ୍ୱ ଆକଳନ ପରୀକ୍ଷା କରାଯାଇଥିଲା । ସମୁଦାୟ ୧୬୪ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ରେନ ଟ୍ରି ଟେକ୍ନୋଲୋଜି ୨ମାସର ପ୍ରଶିକ୍ଷଣ ଦେଲା ପରେ ଭାରତର ବିଭିନ୍ନ ଆଇ.ଟି. କମ୍ପାନୀରେ ସେମାନଙ୍କୁ ନିଯୁକ୍ତି ଦେବାର ପ୍ରତିଶୃତି ଇଂ ରାଉତ ପ୍ରଦାନ କରିଥିଲେ । ଆବଶ୍ୟକ ସ୍ଥଳେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଇଂ ରାଉତ ପ୍ରକାଶ କରିଥିଲେ । ଏହି ସଭାରେ ପ୍ରଫେସର ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ରତ୍ନମଞ୍ଜରୀ ଦାଶ, ରଞ୍ଜିତ ଦାସ, ଦେବକାନ୍ତ ଷଡଙ୍ଗୀ, ଅଶୋକ ଦାସ, ଡଃ. ଗୌର ପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧାପିକା ପୂର୍ବାସା ପ୍ରିୟଦର୍ଶନୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରାଧାପକ ଅମର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଘଟଗାଁ, ୨୦/୧୨ (ନି.ପ୍ର): କେନ୍ଦୁଝର ରାଙ୍କୀ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସତରତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ କେନ୍ଦୁଝର ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଭାରପ୍ରାପ୍ତ ଅଧକ୍ଷ ଆଲୋକ ଘୋଷ ଅଧକ୍ଷତା କରିଥିବା ବେଳେ, ଅଧାପକ ଦେବଜିତ ପୃଷ୍ଟି ଉତ୍ସବ ପରିଚାଳନା କରିଥିଲେ । କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା ।

କ୍ରୀଡା ଅଧାପିକା ପଦ୍ମିନୀ ମହାନ୍ତ, ଅଧାପିକା ଅପର୍ଣ୍ଣା ଦାଶ, ଅନୁରାଗ ମିଶ୍ର, ମହେନ୍ଦ୍ର ଗଣ୍ଡ, ରାକେଶ ମିନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ମଦ ଦୋକାନ ବନ୍ଦ ନେଇ ଖଡ଼ିଆଳ ଏନଏସି କାଉନସିଲରଙ୍କ ଜିଲ୍ଲାପାଳଙ୍କୁ ଫେରାଦ

ନୂଆପଡ଼ା, ୨୦/୧୨ (ନି.ପ୍ର): ଖଡ଼ିଆଳ ସହରର ଗୁରୁନାନକ ଛକ ଠାରେ ଥିବା ମଦ ଦୋକାନ ବନ୍ଦ ନେଇ ଖଡ଼ିଆଳ ଏନଏସିର କାଉନସିଲର ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଆଜି ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ମଦ ଦୋକାନ କାରଣରୁ ଅନେକ ସମସ୍ୟା ଅନୁଷ୍ଠିତ ହେଉଅଛି । ବିଶେଷ କରି ଛାତ୍ରଛାତ୍ରୀ ମାନେ ଯାତାୟତରେ ସମସ୍ୟା ସମ୍ମୁଖୀନ ହେଉଛି । ଦୁର୍ଘଟଣା ଜନିତ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି । ମଦ ଦୋକାନର ମାତ୍ର ୧୦୦ ମିଟର ଦୂରତାରେ ଗୁରୁଦ୍ୱାରା, ତ୍ରିନାଥ ମନ୍ଦିର ଏବଂ ସାଇ ମନ୍ଦିର ରହିଛି । କାଉନସିଲର ସୁଶ୍ମିତା ମହାରଣା, ରେବତୀ ଶବର, ରାଜରାଣୀ ପଟ୍ଟନାୟକ, କ୍ରିଷ୍ଣା ତାଣ୍ଡି, ସୁନୀଲ କୁମାର ସାହୁ, ଲକ୍ଷଣ ଦୂରୀଆ, ସକୁନ୍ତଳା ରାଉର, ସୁବେର ସିଂ ଦେଓ, ବଜରଙ୍ଗ ଭୋଇ, ଚନ୍ଦନ କୁମାର ସାହୁ, ନରେନ୍ଦ୍ର ଶବର,ବନିତା ହଂସ ଏବଂ ଯୋଶବନ୍ତି ସିନ୍ଧୁର ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ ।

# କାର୍ଯ୍ୟକାରୀ ହେଲା ୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

ସୁବର୍ଣ୍ଣପୁର, ୨୦/୧୨ (ନି.ପ୍ର): ସୋନପୁର ସହର ସ୍ଥିତ ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଠାରୁ ପୂର୍ଣ୍ଣ ମାତ୍ରାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ କାର୍ଯ୍ୟକାରୀ କରାଯାଇଛି । ଏଣିକି ମାତୃ ଓ ଶିଶୁ ସମ୍ବନ୍ଧୀୟ ସମସ୍ତ ଚିକିତ୍ସା ସେବା ସୁବିଧା ଏହି କେନ୍ଦ୍ରରେ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ରହିବ । ପ୍ରକାଶ ଥାଉକି ୨୦୨୨ ଜୁନ ୧୫ ତାରିଖରେ ଜିଲ୍ଲାର ଏହି ୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ ଜିଲ୍ଲାର ବିଭିନ୍ନ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର, ଓଡିଶା ନିରଞ୍ଜନ ପୂଜାରୀ ଓ ଲୋକସଭା ସାଂସଦ ବଲାଙ୍ଗୀର ସଂଗୀତା କୁମାରୀ ସିଂହ ଦେଓଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା । ତତ୍କାଳୀନ କୋଭିଡ ମହାମାରୀର ସଂକ୍ରମଣ ଓ ଭୟାବହତା ହେତୁ ଏହି ଚିକିତ୍ସାଳୟ କୋଠାକୁ ସ୍ୱତନ୍ତ୍ର ଭାବେ ଜିଲ୍ଲାର କୋଭିଡ ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ବ୍ୟବହୃତ କରାଯାଉଥିଲା, ମାତ୍ର ବର୍ତମାନ କୋଭିଡ ପରିସ୍ଥିତିରେ ବିଶେଷ ସୁଧାର ଆସିଥିବାରୁ ଏହି କେନ୍ଦ୍ରକୁ ପୂର୍ଣ୍ଣ ରୂପରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପାଇଁ ଉପଲବ୍ଧ କରାଯାଇଥିବା ଜିଲ୍ଲା ପ୍ରଶାସନ ତରଫରୁ ସୂଚୀତ କରାଯାଇଛି । ଜିଲ୍ଲାର ଜନସାଧାରଣ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି ।

# କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀଙ୍କ ଦ୍ୱାରା କୁଡୁମୁଲୁଗୁମ୍ମା ଧାନ ମଣ୍ଡିର ଶୁଭାରମ୍ଭ

ମାଲକାନଗିରି, ୨୦/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ଧାନ ମଣ୍ଡି ପଡ଼ିଆରେ ଚଳିତ ଖରିଫ ଋତୁ ପାଇଁ ଧାର୍ଯ୍ୟ ଧାନମଣ୍ଡିର ଶୁଭାରମ୍ଭ ଆଜି ହୋଇଯାଇଛି । କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ତଥା କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗୀ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଢୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଲ୍ୟାମ୍ପ ନିର୍ଦ୍ଦେଶକ ସାଧୁ ହନ୍ତାଳ, ହେମନ୍ତ କୁମାର ଦାସ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚାଷ ଓ ଚାଷୀଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ କମିଟି ଗଠନ ସମ୍ପର୍କିତ ଖବର ବିଷୟରେ ଲ୍ୟାମ୍ପ ପରିଚାଳକ ସୁଚନା ଦେଇ କହିଥିଲେ ଯେ ଚାଷୀ ମାନେ ବର୍ତ୍ତମାନ ସେମାନଙ୍କ ଅଭିଯୋଗ ଗୁଡିକୁ ଲେଖି ଏକ ସ୍ୱତନ୍ତ୍ର ଅଭିଯୋଗ ପେଟି ରେ ପକାଇ ପାରିବେ ଯାହା ଫଳରେ ଚାଷୀ ମାନଙ୍କର ଧାନ ବିକ୍ରି ଜନିତ ସମସ୍ୟାର ତ୍ୱରିତ ସମାଧାନ ହେଇପାରିବ ।

## ସୁନା ଚେନ ଲୁଟ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜୟପୁର, ୨୦/୧୨ (ନି.ପ୍ର): ଜୟପୁର ଟାଉନ ପୋଲିସ ସୁନା ଚେନ ଲୁଟ ମାମଲାର ପର୍ଦାଫାସ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟନଗର ଦାଶରିସାହିର ସୁରେଶ ହରିଜନ ଏଲିୟସ ସୁରଜ ବାଘ । ପୋଲିସ ସୁଚନା ଅନୁଯାଇ ଶିକ୍ଷୟତ୍ରୀ ରଶ୍ମି ଦୁବେ ସ୍କୁଲରୁ ଫେରୁଥିବା ବେଳେ ଗତ ୭.୧୨.୨୨ ଦୁଇ ଜଣ ଯୁବକ ଏକ ବାଇକରେ ଯାଇ ସୁନା ଚେନ ଲୁଟ କରିଥିଲେ । ଏନେଇ ଶିକ୍ଷୟତ୍ରୀ ଜଣକ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ କୁ ଗିରଫ କରି ଲୁଟ ହୋଇଥିବା ସୁନା ଚେନକୁ ଜବତ କରିଛି । ଜବତ ସୁନା ଚେନର ଆନୁମାନିକ ମୁଲ୍ୟ ୨ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଫେରାର ଥିବା ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ଶକ୍ତି ସଂରକ୍ଷଣ ସପ୍ତାହ ପାଳନ

କୋରାଇ, ୨୦/୧୨ (ନି.ପ୍ର): ଶକ୍ତି ସଂରକ୍ଷଣ ସପ୍ତାହ ଅବସରରେ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଛାତ୍ର/ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ରଙ୍କ ସଭାପତିତ୍ୱରେ ଶିକ୍ଷକ ଜତିନ୍ଦ୍ର ନନ୍ଦ, ଶିକ୍ଷୟତ୍ରୀ ସୁଧାଂଶୁ ବାଳା ଦାସ, ଆଶଲତା ସିଂହ, କଳ୍ପନା ପଣ୍ଡା ଓ ରୀତାରାଣି ପାଢୀ ଉକ୍ତ ପ୍ରତିଯୋଗୀତା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥବଲେ । ଛିତ୍ରାଙ୍କନ ପ୍ରତିଯୋଗୀତାରେ ନିଶିପ୍ରଭା(ନବମ ଶ୍ରେଣ) ପ୍ରଥମ ସ୍ଥାନ, ସ୍ୱୟଶ୍ରୀ ପାଣି(ଅଷ୍ଟମ) ଦ୍ୱିତୀୟ ସ୍ଥାନ ଓ ରଣବୀର ସାହୁ(ଅଷ୍ଟମ ଶ୍ରେଣୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବକ୍ତୃତାରେ ସୁନୟନା ବେହେରା(ନବମ ଶ୍ରେଣୀ) ପ୍ରଥମ ସ୍ଥାନ, ରଶ୍ମୀରେଖା ସ୍ୱାଇଁ (ଅଷ୍ଟମ ଶ୍ରେଣୀ) ଦ୍ୱିତୀୟ ସ୍ଥାନ ଓ ପ୍ରତୀକ୍ଷା ପଟ୍ଟନାୟକ(ଷଷ୍ଠ ଶ୍ରେଣୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀତ୍ୱ ହାସଲ କରିଥିବା ଛାତ୍ର/ ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା ।

# ଜିଲ୍ଲାର ଜନ ସମସ୍ୟାକୁ ଜନ ଆନ୍ଦୋଳନର ରୂପ ଦେବା ପାଇଁ ଓଡ଼ିଶା ବଂଚାଅ ଅଭିଯାନର ଆହ୍ୱାନ

ଜୟପୁର, ୨୦/୧୨ (ନି.ପ୍ର): କେନ୍ଦ୍ରର ବିଜେପି, ରାଜ୍ୟର ବିଜେଡି ସରକାରଙ୍କ ଜନ ବିରୋଧୀ ନିଷ୍ପତି ବିରୁଦ୍ଧ ରେ ବେକାରୀ ଦର ବୃଦ୍ଧିକୁ, ଚାଷ ଓ ଚାଷ ର ସମାଧାନ ଦାବୀ ରେ ୧୧ ଟି ରାଜ୍ୟ ନ୍ୟୋତିକ ଦଳ କୁ ନେଇ ଗଠିତ ଓଡ଼ିଶା ବଂଚାଅ ଅଭିଯାନ ରେ କୋରାପୁଟ ଜିଲ୍ଲା ସ୍ତରୀୟ କନଭେନଶନ ଆଦି ସ୍ତାନିୟ ଟାଉନ ହଲ ଠାରେ ଅନୁଷ୍ଟୀତ ହୋଇ ଯାଇଅଛି । ସର୍ବ ଶ୍ରୀ ଯୁଧିଷ୍ଟିର ରାହୁଳ, ଶମ୍ଭୁ ପ୍ରସାଦ ମହାନ୍ତି, ପବିର ପାତ୍ର, ବ୍ରଜ ମାଝୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ର ସଭାପତିତ ରେ ଅନୁଷ୍ଟିତ ଏହି କନଭେସନ ରେ ପୂବ କେନ୍ଦ୍ର ମନ୍ତ୍ରୀ ତତା ସମତା କାନ୍ତୀ ଦଳର ସଭାପତି ଶ୍ର ବ୍ରଜ କିଶୋର ତ୍ରିପାଠୀ ବକ୍ତବ୍ୟ ରଖି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ବନବିରୋଧୀ ନୀତି ଫଳରେ ଗତ କିଛିବର୍ଷ ଭିତରେ ସାଧାରଣ ଜନତା ନାନା ଦୁର୍ଦଶା ର ସମ୍ମୁଖିନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ ରାଜ୍ୟ ରେ ବେକାରୀ ହୁ ହୁ ହୋଇ ବଢି ବାରେ ଲାଗୁଛି, ସମସ୍ୟା ଜର୍ଜରିତ ଚାଷୀ ଆତ୍ମହତ୍ୟା କରୁଛି, ପ୍ରେଟୋଲ, ଡିଜେଲ ଓ ଇନ୍ଦନ ଗ୍ୟାସ ର ଦର ଦାମ ବୃଦ୍ଧି ସମେତ ଅନ୍ୟାନ୍ୟ ଅତ୍ୟାଶ୍ୟକୀୟ ସାମଗ୍ରୀ ର ଦର ବୃଦ୍ଧି ଫଳ ରେ ସାଧାରଣ ଜନତା ଅତିଷ୍ଟ ହୋଇ ପଡିଲେଣି କ୍ଷ ରାଷ୍ଟ୍ରୟତ ଉଦ୍ୟୋଗ ଗୁଡିକୁ ଶାଗ ମାଛ ଦର ରେ କମ୍ପାନୀ ମାନଙ୍କୁ ବିକ୍ରୀ କରିଦିଆ ଯାହୁଚି କ୍ଷ ଏବଳି ସ୍ଥଳେ ସାଧାରଣ ଜନତା ନିଜର ନାର୍ଯ୍ୟ ଅଧିକାର ପାଇଁ ଜନ ଆନ୍ଦୋଳନ ହିଁ ଏକ ମାତ୍ର ବାଟ ବୋଲି ନିଜ ବ୍ୟକ୍ତବ୍ୟରେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି ପି ଆଇ ,(ଏମ),ର ରାଜ୍ୟ ସମ୍ପାଦକ ଆଲି କିଶୋର ପଟ୍ଟନାୟକ,ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର,ସି ପି ଆଇ ର ରାଜ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରମୋଦ କୁମାର ମହାନ୍ତି,ସିପିଆଇ (ଏମ ଏଲ)ଲିବାରେଶନ ର ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ,ପ୍ରମୁଖ ବକ୍ତବ୍ୟ ରଖି ଜି ଏସ ଟି ,ବିମୁଦ୍ରୟାନ ଭଳି କେନ୍ଦ୍ରସରକାରଙ୍କ ଭୁଲ ନିଷ୍ପତି ଫଳରେ ସାର ଦେଶରେ ଗୋଟିଏ ପଟରେ କ୍ଷୁଦ୍ର ବେପାରୀ ଓ ଉଦ୍ୟୋଗୀ ମାନେ କ୍ଷତି ର ସମ୍ମୁଖିନ ହେବା ଫଳରେ ତା ଉପରେ ନିର୍ଭର କରି ଗୁଜୁରାଣ ମେଂଟାଉ ଥିବା ଯୁବକ ଯୁବତୀମାନେ କର୍ମ ସଂସ୍ଥାନ ହରେଇବାରେ ଲାଗିଛନ୍ତି ।ସରକାରଙ୍କ କୃଷକ ବିରୋଧୀ ନିତି କୃଷି ଓ କୃଷକ ର ସର୍ବନାଶ କରିଚାଲିଛି । ବେକାରୀ ଓଡ଼ିଶା ସମେତ ସାରା ରାଜ୍ୟ ରେ ମହାମାରୀ ର ରୂପ ନେଲାଣି । କୋରାପୁଟ ଜିଲ୍ଲାର ଅଗ୍ରଣୀ ଶିଳ୍ପ ସଂସ୍ଥା ସେବା କାଗଜ କଳ ବନ୍ଧ ହୋଇ ରହିବା ପରେ ଏହାର ଉପରେ ନିଭର କରି ଜୀବିକା ନିର୍ବାହ କରୁଥିବା କୋରାପୁଟ ଜିଲ୍ଲାର ଜନ ସାଧାରଣ ବହୁ ସମସ୍ୟା ର ସମୁଖୀନ ହେଇଛନ୍ତି ପ୍ରାକୃତିକ ସମ୍ପଦ ଭରା କୋରାପୁଟ ଜିଲ୍ଲା ସରକାରୀ ଉଦାସୀନତା କରଣରୁ ଜିଲ୍ଲା ର ଅଧିବାସୀ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି ବୋଲି ଅଭିଯୋଗ କରିବା ତୁରନ୍ତ ସେବା ପେପର ମିଲ ଖୋଲିବା ପାଇଁ ନିଜ ବ୍ୟକ୍ତବ୍ୟ ରେ ଦାବୀ କରିଥିଲେ ।

# ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରିବା ସହ ଏହି ସବୁ ଉପକାରୀ ଗୁଣରେ ଭରପୂର ଗୁଜୁରାତି...

ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଗୁଜୁରାତି । ମସଲାରେ ସୁଗନ୍ଧ ବଢାଏ ଗୁଜୁରାତି । ଏହି ଗୁଜୁରାତିରେ ବହୁ ଔଷଧୀୟ ଗୁଣ ରହିଛି । ଏହା ଶରୀରକୁ ବହୁ ରୋଗରୁ ରକ୍ଷା କରିଥାଏ । ଏଥିରେ ମାୟକେନିନ, ଲାଇମୋନିନ, ମେନଥ୍ରୋଫୋନ, ଅଲ୍ଫା ଟେରପିନାଲ ରହିଛି । ତେବେ ଗୁଜୁରାତିର ସବୁଠୁ ବଡ ଉପକାରିତା ହେଉଛି ଏହା ଦାନ୍ତରେ ପୋକ ଲାଗିବା ଦାଉରୁ ରକ୍ଷା କରେ । ଏହା ସହ ଓଜନ ହ୍ରାସ କରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ରକ୍ତଚାପ, ମଧୁମେହ, ଏବଂ ମୁଖ କ୍ୟାନସର ଭଳି ରୋଗ ଦାଉରୁ ରକ୍ଷା କରେ ।

## ତେବେ ଜାଣନ୍ତୁ ଗୁଜୁରାତିର ଉପକାରିତା ବିଷୟରେ



ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରେ: ଗୁଜୁରାତିରେ ବହୁ ପ୍ରକାରର ପୋଷକ ତତ୍ତ୍ୱ ରହିଛି । ଏହା ଦାନ୍ତକୁ ପୋକ ଲାଗିବାରୁ ରକ୍ଷା କରେ । ଏଥିରେ ଥିବା ଫାଇଟୋକେମିକାଲ, ଏକ ଶକ୍ତିଶାଳୀ ଆଣ୍ଟିସେପଟିକ୍ ବ୍ୟାଟେରିଆ ମାରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ମୁଖ ଦୁର୍ଗନ୍ଧ ମଧ୍ୟ ଦୂର କରେ ।

ପାଚନ କରିବାରେ ସହାୟକ ହୁଏ: ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବରେ ହୋଇଥାଏ । ଏହା ଓଜନ ହ୍ରାସ କରିବାରେ ସହାୟକ ହୁଏ ।

କାଶ-ଥଣ୍ଡା ପାଇଁ ଲାଭଦାୟକ: ଗୁଜୁରାତି ଖାଇବା ଦ୍ୱାରା କାଶ-ଥଣ୍ଡା ଭଲ ହୋଇଥାଏ । ଏଥିପାଇଁ ରାତିରେ ଶୋଇବା ପୂର୍ବରୁ ଏକ ଗ୍ରାମ ଗୁଜୁରାତି ଗୁଣ୍ଡ ମହୁ ସହ ମିଶାଇ ଖାଆନ୍ତୁ । ଦୁଇରୁ ତିନି ଦିନ ଖାଇବା ଦ୍ୱାରା କାଶ ଥଣ୍ଡା ଭଲ ହୋଇଥାଏ ।

ରକ୍ତଚାପ ନିୟନ୍ତ୍ରଣ କରେ: ଗୁଜୁରାତି ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ରୁହେ । ଏଥିରେ ଥିବା ପୋଟାଶିୟମ, ମାଗ୍ନେସିୟମ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ।

ନଂପୁଶକତା ଦୂର କରିବାରେ ସହାୟକ ହୁଏ- ଗୁଜୁରାତି କାମୋତେଜକ ହୋଇଥାଏ । ଏହା ନଂପୁଶକତା ଦୂର କରିବାରେ ସହାୟକ ହୋଇଥାଏ ।

# ଚିତ୍ର ଆଙ୍କି ଲକ୍ଷାଧିକ ଟଙ୍କା ରୋଜଗାର କରୁଛି ଘୁଷୁରୀ



ଚିତ୍ର ଆଙ୍କିବାକୁ ଅନେକ ନିଜ ପେଶା ଭାବେ ଗ୍ରହଣ କରିଥାନ୍ତି । କିନ୍ତୁ ଏକ ପଶୁ ଚିତ୍ର ଆଙ୍କି ଲକ୍ଷ-ଲକ୍ଷ ଟଙ୍କା ରୋଜଗାର କରୁଥିବା ଆପଣ ଶୁଣିଛନ୍ତି କି ? ଅବିଶ୍ୱାସ ହେଉଥିଲେ ବି ଏହା ସତ । ଦକ୍ଷିଣ ଆଫ୍ରିକାରେ ରହୁଥିବା ପିଗ୍‌କାସୋ ନାମକ ଏକ ଘୁଷୁରୀ ଚିତ୍ର ଆଙ୍କି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛି । ପିଗ୍‌କାସୋ ବ୍ରିଟେନର ପ୍ରିନ୍ସ ହେରୀଙ୍କର ଏକ ଚିତ୍ର ଆଙ୍କିଥିଲା । ଉକ୍ତ ଚିତ୍ରଟିକୁ ସ୍ୱେନର ଜଣେ ବ୍ୟକ୍ତି ୨.୩୬ ଲକ୍ଷ ଟଙ୍କା ମୂଲ୍ୟରେ କିଣିଛନ୍ତି । ପିଗ୍‌କାସୋର ବୟସ ବର୍ତ୍ତମାନ ୪ ବର୍ଷ । ଜୋନେ ଲେଫସନ ନାମକ ଜଣେ ମହିଳା ତାକୁ ଅସୁସ୍ଥ ଅବସ୍ଥାରେ ପାଇଥିଲେ । ସେବେଠାରୁ ସେ ତା'ର ଲାଳନପାଳନ କରିଥିଲେ । ପିଗ୍‌କାସୋ ମୁହଁରେ ରଙ୍ଗତୂଳୀ ଧରାଇଦେଲେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥାଏ ବୋଲି ଲେଫସନ କହିଛନ୍ତି । ପିଗ୍‌କାସୋର ଚିତ୍ର ବିକ୍ରି କରି ପାଉଥିବା ଟଙ୍କାରେ ଲେଫସନ ନିଜ ଫାର୍ମରେ ରଖିଥିବା ଅନ୍ୟ ପଶୁପକ୍ଷୀଙ୍କର ପ୍ରତିପୋଷଣ କରୁଛନ୍ତି । ବଳକା ଟଙ୍କା ସେ ସମାଜସେବାରେ ନିୟୋଜିତ କରୁଛନ୍ତି । ସେ ନିଜର ପୁଅ ଭଳି ପିଗ୍‌କାସୋର ଯତ୍ନ ନେଉଥିବା ପ୍ରକାଶ କରିଛନ୍ତି । ପିଗ୍‌କାସୋର ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ରହିଛି । ଯେଉଁଥିରେ ସେ ଚିତ୍ର କରୁଥିବା ସମୟର ଭିଡିଓ ଅପଲୋଡ ହୋଇଥାଏ । ଏହି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଲକ୍ଷାଧିକ ଫଲୋୟର୍ସ ଅଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଚିକେନ ପଟିଆଲା

**ଆବଶ୍ୟକ ଉପକରଣ :**
ଚିକେନ, ଦହି, ପିଆଜ, କ୍ୟାପ୍‌ସିକମ୍, ଅଦାରସୁଣ ପେଷ୍ଟ, ହଳଦି, ଲାଲ ଲଙ୍କା, ଗୋଲମରିଚ ଗୁଣ୍ଡ, ଲୁଣ, ରିଫାଇନ ତେଲ, ଗୋଟା ଗରମ ମସଲା, କଞ୍ଚା ଲଙ୍କା, କାଜୁ ପେଷ୍ଟ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ସେଥିରେ ଦହି, ଅଦାରସୁଣ ପେଷ୍ଟ, ହଳଦି, ରେଡ୍ ଚିଲି, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ ଓ କିଛି ସମୟ ରଖି ଦିଅନ୍ତୁ ।

ପରେ କଡ଼େଇରେ ତେଲ ଗରମ କରନ୍ତୁ । ସେଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଜିରା, ଛେଚା ଅଦା ଓ ରସୁଣ ପକାନ୍ତୁ । ଏହା ଟିକେ ଭାଜି ହୋଇଗଲେ କଟା ପିଆଜ ପକାନ୍ତୁ । ଏହାକୁ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ ।

ଏବେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ (ମନେ ରଖନ୍ତୁ ପୂର୍ବରୁ ଚିକେନ୍‌ରେ ଲୁଣ ଗୋଳା ଯାଇଛି) ପକାଇ ଗୋଳାନ୍ତୁ ।

କିଛି ସମୟ ପରେ ୨ଟି ଟମାଟୋ ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାନ୍ତୁ । ସେଥିରେ ହାଫ୍ କପ୍ ପାଣି ପକାନ୍ତୁ । କିଛି ସମୟ ପରେ କଡ଼େଇରେ ଅଳ୍ପ ମସଲା ରଖି ଅବଶିଷ୍ଟ ବାହାର କରି ଥଣ୍ଡା କରନ୍ତୁ । ଏହାପରେ ତାକୁ ପେଷ୍ଟ କରି ନିଅନ୍ତୁ ।

କଡ଼େଇରେ ଥିବା ଅଳ୍ପ ମସଲାରେ ମ୍ୟାରିନେଟ ହୋଇଥିବା ଚିକେନ ମିଶାନ୍ତୁ । ଏହାପରେ ସେଥିରେ ୨ ଚାମଚ କଞ୍ଚା ଲଙ୍କା ବଟା ମିଶାନ୍ତୁ । ଏହାକୁ ସିମ୍‌ରେ ଘୋଡ଼ାଇ ଚିକେନ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ । ଅନ୍ୟ ଏକ କରେଇରେ ତେଲ ଗରମ କରି କିଛି ଜିରା ପକାନ୍ତୁ । ସେଥିରେ



ଅଦା, ରସୁଣ ଛେଚା ପକାନ୍ତୁ । ଏହାପରେ ଚପ୍ ହୋଇ କଟା ହୋଇଥିବା ମେଥି ପକାନ୍ତୁ । ଏହାପରେ ମିଡିୟମ ସାଇଜରେ କଟା ହୋଇଥିବା ପିଆଜ ଓ କ୍ୟାପସିକମ ପକାନ୍ତୁ । ସେଥିରେ ହଳଦି, ଲଙ୍କା, ଜିରା, ଧନିଆ ପାଉଡର ପକାନ୍ତୁ । ଏହାପରେ ସେଥିରେ ହାଫ କପ୍ କାଜୁ ପେଷ୍ଟ ପକାନ୍ତୁ । ହାଫ କପ୍ ପାଣି ପକାଇ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ ।

ଏହାପରେ ଚିକେନ ସିଝୁଥିବା କରେଇରେ ଏହି ମସଲାକୁ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଉପରେ ଗରମ ମସଲ, କଟା କଞ୍ଚାଲଙ୍କା ଓ କସ୍ତୁରୀ ମେଥି ପକାନ୍ତୁ । ଏହାକୁ ଢାଙ୍କୁଣି ଘୋଡ଼ାଇ କିଛ ସମୟ ପାଇଁ ଛାଡ଼ି ଦିଅନ୍ତୁ । ତା' ପରେ ଫ୍ରେଶ୍ କ୍ରିମ ପକାଇ ଦିଅନ୍ତୁ । ଏହାପରେ ସର୍ଭ କରନ୍ତୁ ।

# ଘାତକ ଛତୁ, ଛୁଇଁଲେ ଚରିଯାଏ ବିଷ

ଛତୁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ଆମେ ଜାଣୁ । କିନ୍ତୁ ଏଭଳି ଏକ ଛତୁ ଅଛି, ଯାହା ଅତ୍ୟନ୍ତ ଭୟଙ୍କର । ନାଁ ପୋଡୋଷ୍ଟ୍ରୋମା କର୍ନୁ-ଡାମା । ଅଷ୍ଟ୍ରେଲିଆର କ୍ୱିନ୍‌ସଲ୍ୟାଣ୍ଡରେ ଦେଖାଯାଉଥିବା ଏହି ଛତୁ ଅତ୍ୟନ୍ତ ଘାତକ ଓ ବିଷାକ୍ତ । ଲାଲ୍ ରଙ୍ଗର ଏହି ବିଷାକ୍ତ କବକ ମଣିଷ ପାଇଁ ପ୍ରାଣଘାତକ ହୋଇଥାଏ । ଏହାକୁ ଖାଇବା ତ ଦୂରର କଥା, ଛୁଇଁବା ମାତ୍ରେ ଶରୀରରେ ବିଷ ଚରିଯାଏ, ଫଳରେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଥାନ୍ତି ।
ପ୍ରଥମେ ଏହି କବକ ଜାପାନ ଓ କୋରିଆ ଭଳି ଏସୀୟ ଦେଶରେ ଦେଖାଯାଉଥିଲା । ଏବେ ଏହା ଅଷ୍ଟ୍ରେଲିଆରେ ମଧ୍ୟ ଦେଖାଯାଉଛି । ୧୮୯୫ ମସିହାରେ ଚୀନ୍‌ରେ ସର୍ବପ୍ରଥମେ ଏହି ବିଷାକ୍ତ କବକ ଆବିଷ୍କୃତ ହୋଇଥିଲା । ଏହି କବକ କାରଣରୁ ଜାପାନ ଓ ଦକ୍ଷିଣ କୋରିଆରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ଲୋକେ ଏହାକୁ ପାରମ୍ପରିକ ଚିକିତ୍ସାରେ ପ୍ରୟୋଗ ହେଉଥିବା ଖାଇବାଯୋଗ୍ୟ କବକ ମନେକରି ଚା'ରେ ମିଶାଇ ପିଇଥିଲେ । ଏହା ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ବୈଜ୍ଞାନିକଙ୍କ ସୂଚନା ଅନୁସାରେ, ଏହି ବିଷାକ୍ତ କବକକୁ ଯଦି କେହି ଭୁଲରେ ଖାଇଦିଏ, ତେବେ ଅଙ୍ଗ ଅଚଳ ହେବା ଆରମ୍ଭ ହୁଏ । ଧୀରେ ଧୀରେ ଅଙ୍ଗପ୍ରତ୍ୟେଙ୍ଗ କାମ କରିବା ବନ୍ଦ କରିଦିଏ । ଖାସ୍ କଥା ହେଉଛି ଏହା ମନୁଷ୍ୟର ମସ୍ତିଷ୍କକୁ କ୍ଷତି ପହଞ୍ଚାଏ । କବକକୁ ଛୁଇଁବା ମାତ୍ରେ ଶରୀର ଫୁଲିଯାଏ ।



# ଶୀତଦିନେ ବାରମ୍ବାର ଓଠ ଫାଟିବା ସମସ୍ୟାକୁ ଦୂରେଇବା ପାଇଁ ଆପଣାନ୍ତୁ ଏହି ଉପାୟ

ଶୀତ ଋତୁରେ ବାୟୁରେ ଆର୍ଦ୍ରତା କମ୍ ଥାଏ, ଯେଉଁ କାରଣରୁ ଚର୍ମରେ ଶୁଷ୍କତା ଦେଖାଯାଏ । ଏହି ସମୟରେ, ଆପଣଙ୍କ ଚର୍ମ ମଧ୍ୟ ଶୁଷ୍କ ହେବା ଆରମ୍ଭ କରେ । ଶୀତଦିନେ, ଅଧିକାଂଶ ଲୋକ ଓଠ ଫାଟିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି । କିଛି ଲୋକଙ୍କର ଓଠ ଫାଟିଯାଇ ରକ୍ତ ମଧ୍ୟ ବାହାରିଥାଏ । ଯଦି ଆପଣ ମଧ୍ୟ ଏହି ସମସ୍ୟାରେ ପିଡ଼ିତ, ତେବେ ଆପଣ ମଧ୍ୟ କିଛି ଘରୋଇ ଉପଚାର କରିପାରିବେ । ଯଦି ଆପଣଙ୍କର ଓଠ ଫାଟୁଛି ତେବେ ଆପଣ କଣ ଘରୋଇ ଉପଚାର କରିବା ଉଚିତ୍ ଜାଣି ରଖନ୍ତୁ ।

ମହୁ: ମହୁରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି ଯାହା ଆପଣଙ୍କୁ ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ମହୁ ଦ୍ୱାରା ଆପଣ ନିଜ ଓଠ ଫାଟିଥିଲେ ଏହାକୁ ଭଲ କରିପାରିବେ । ଓଠରେ ମହୁ ଲଗାଇବା ଦ୍ୱାରା ଆପଣଙ୍କ ଓଠ ନରମ ଏବଂ ଗୋଲାପୀ ହୋଇଯାଏ । ଏହାକୁ ପ୍ରୟୋଗ କରିବା ପାଇଁ, ଆଙ୍ଗୁଠିରେ ମହୁ ନେଇ ଏହାକୁ ଓଠରେ ଲଗାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଛାଡିଦିଅନ୍ତୁ । ଏହା ପରେ ଓଠକୁ ଧୋଇ ଦିଅନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କ ଓଠ ଗୋଲାପୀ ଏବଂ ନରମ ହେବ ।

ଗୋଲାପ ଫୁଲ ପାଖୁଡ଼ା ଏବଂ କ୍ଷୀର:ଏକ ମୁଠା ଗୋଲାପ ଫୁଲକୁ ନେଇ ଏକ କପ୍ କଞ୍ଚା କ୍ଷୀରରେ କିଛି ଘଣ୍ଟା ପାଇଁ ଭିଜାନ୍ତୁ । ଭିଜାଇଥିବା ପତ୍ରକ ଏକ ମିଶ୍ରଣ ପ୍ରସ୍ତୁତ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହି ପେଷ୍ଟକୁ ଦିନକୁ ତିନିଥର ଓଠରେ ଲଗାନ୍ତୁ । ଏହାକୁ ପ୍ରତିଦିନ ବ୍ୟବହାର କଲେ, ଏହା ଆପଣଙ୍କ ଓଠର ମୃତ କୋଷକୁ ବାହାର କରିଥାଏ ଏବଂ ଆପଣଙ୍କ ଫଟା ଓଠରୁ ସମସ୍ୟାକୁ ମଧ୍ୟ ଦୂରେଇ ଥାଏ ।

# ଉତ୍ତର କୋରିଆରେ ଲାଲ ରଙ୍ଗର ଲିପଷ୍ଟିକ୍ ବ୍ୟାନ: କାରଣ ଜାଣିଲେ ହେବେ ଆଶ୍ଚର୍ଯ୍ୟ

ମହିଳାମାନେ ସାଧାରଣତଃ ଲିପଷ୍ଟିକ୍ ଲଗାଇବାକୁ ଭଲ ପାଆନ୍ତି । ଲିପଷ୍ଟିକ ଲଗାଇବା ଦ୍ୱାରା ମହିଳାମାନଙ୍କ ସୁନ୍ଦରତା ଅଧିକ ବଢିଥାଏ । ଅନେକ ମହିଳା ଅଛନ୍ତି ଯେଉଁମାନେ ଲାଲ୍ ଲିପଷ୍ଟିକ୍ ଅଧିକ ଲଗାଇଥାନ୍ତି । କିନ୍ତୁ ଏପରି ଏକ ଦେଶ ଅଛି ଯେଉଁଠାରେ ଲାଲ ଲିପଷ୍ଟିକ୍ କୁ ବ୍ୟାନ କରାଯାଇଛି । ଯଦି ଆପଣ ଏହାର କାରଣ ଜାଣିବେ ଆପଣ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହେବେ । ତେବେ ଉତ୍ତର କୋରିଆ ହେଉଛି ଏପରି ଏକ ଦେଶ ଯେଉଁଠାରେ ଓଠରେ ଲାଲ୍ ଲିପଷ୍ଟିକ୍ ଲଗାଇବାକୁ ନିଷେଧ କରାଯାଇଛି । ଖବର ଅନୁଯାୟୀ କିମ ଜୋଙ୍ଗ ସରକାର ଏଥିପାଇଁ ନିୟମ କରିଛନ୍ତି । ଆସନ୍ତୁ ଜାଣିବା କ'ଣ ରହିଛି ଏହାର କାର ।



ରିପୋର୍ଟ ଅନୁଯାୟୀ, ଏହି ଲିପଷ୍ଟିକର ରଙ୍ଗ ଲାଲ ହୋଇଥିବାରୁ ଏହାକୁ ବ୍ୟାନ କରାଯାଇଛି । ସରକାର ବିଶ୍ୱାସ କରନ୍ତି ଯେ ଏହି ରଙ୍ଗ ପୁଞ୍ଜିବାଦକୁ ପ୍ରୋତ୍ସାହିତ କରିଥାଏ, ତେଣୁ ମହିଳାମାନଙ୍କୁ ଏହି ରଙ୍ଗର ଲିପଷ୍ଟିକ୍ ଓଠରେ ଲଗାଇବାକୁ ବ୍ୟାନ କରାଯାଇଛି । ଦେଶରେ କେବଳ ଲାଲ୍ ଲିପଷ୍ଟିକ୍ ନୁହେଁ, ଅନ୍ୟାନ୍ୟ କେତେକ ଉତ୍ପାଦ ଉପରେ ମଧ୍ୟ ନିଷେଧାଦେଶ ଦିଆଯାଇଛି । ଉତ୍ତର କୋରିଆ ଏପରି ଏକ ଦେଶ ଯେଉଁଠାରେ ସାଧାରଣ ଲୋକଙ୍କ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରେ ଅଧିକ ସରକାରୀ ହସ୍ତକ୍ଷେପ ରହିଛି । ଏହି ରଙ୍ଗର ମେକଅପ୍ ପ୍ରଡକ୍ଟ ପ୍ରୟୋଗ କରିବା ପରିବର୍ତ୍ତେ ମହିଳାମାନଙ୍କୁ ହାଲୁକା ରଙ୍ଗ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦେଶର ଲୋକଙ୍କୁ ଏହି ରଙ୍ଗର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରି ସର୍ବସାଧାରଣ ସ୍ଥାନକୁ ଯିବାକୁ ଅନୁମତି ଦିଆଯାଇ ନାହିଁ । ଏଠାରେ ମହିଳାମାନଙ୍କୁ ହାଲୁକା ରଙ୍ଗର ଲିପଷ୍ଟିକ୍ ପ୍ରୟୋଗ କରିବାକୁ ଅନୁମତି ଦିଆଯାଇଛି । କେବଳ ଏତିକି ନୁହେଁ, ମହିଳାମାନେ ଏପରି ଭୁଲ ନକରିବା ପାଇଁ ଦେଶର ଅନେକ ସ୍ଥାନରେ ପାଟ୍ରୋଲିଂ ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଏଠାରେ କେବଳ ଚେହେରାରେ ପ୍ରୟୋଗ କରାଯାଉଥିବା ବ୍ୟୁଟି ପ୍ରଡକ୍ଟସ୍ ନୁହେଁ, କେଶର ରଙ୍ଗ ଉପରେ ମଧ୍ୟ ନିୟମ କରାଯାଇଛି । ମହିଳା ଏବଂ ପୁରୁଷମାନଙ୍କୁ କେଶରେ ଲାଲ ରଙ୍ଗ କରିବାକୁ ବ୍ୟାନ କରାଯାଇଛି, ସେମାନେ ହାଲୁକା ରଙ୍ଗ ଲାଗାଇ ପାରିବେ ।

# ପିରିୟଡସ୍ ସମୟର ଯନ୍ତ୍ରଣାରେ ଖାଆନ୍ତୁ ନାହିଁ ପେନକିଲର : ଏହି ଘରୋଇ ଖାଦ୍ୟରୁ ମିଳିବ ତୁରନ୍ତ ମୁକ୍ତି



ପିରୟଡସ୍ ମହିଳାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ସମୟରେ ଜଣେ ମହିଳା ଯନ୍ତ୍ରଣା, ଥକାପଣ, ପେଟ କଷ୍ଟ ଭଳି ସମସ୍ୟା ଅନୁଭବ କରନ୍ତି । ଏହି ଯନ୍ତ୍ରଣା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ । ତେଣୁ, ଯଦି ଆପଣ ଋତୁସ୍ରାବର କଷ୍ଟକୁ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଏଥିପାଇଁ ଆପଣଙ୍କୁ ଏକ ଉତ୍ତମ ଜୀବନଶୈଳୀ ଏବଂ ଏକ ଭଲ ଡାଏଟ୍ ଅନୁସରଣ କରିବାକୁ ପଡିବ । ଯଦି ଆପଣ ଭଲ ଏବଂ ପୁଷ୍ଟିକର ଖାଦ୍ୟ ଖାଉଛନ୍ତି, ତେବେ ଆପଣ ପିରିୟଡସ୍ ସମୟର ଯନ୍ତ୍ରଣାରେ ଆରାମ ପାଇ ପାରିବେ । ତେଣୁ ଏପରି କିଛି ଖାଦ୍ୟ ରହିଛି ଯାହାକି ଆପଣ ନିଜ ଖାଦ୍ୟରେ ସାମିଲ କରିପାରିବେ । ଏହି ଖାଦ୍ୟଗୁଡ଼ିକ ମାସିକ ଋତୁସ୍ରାବର କଷ୍ଟକୁ ହ୍ରାସ କରିବାରେ ସାହାଯ୍ୟ କରିବ ।

**ଏହି ଖାଦ୍ୟ ଦେବ ପିରିୟଡସ୍ ଯନ୍ତ୍ରଣାରୁ ମୁକ୍ତି ।**

୧. ଦହି : ଚିନି, କ୍ଷୀର କିମ୍ବା ଗ୍ଲୁଟେନ୍ ଖାଇବା ଦ୍ୱାରା ପିରିୟଡସ୍ ଯନ୍ତ୍ରଣା ହୋଇପାରେ । ଏହି ଜିନିଷଗୁଡ଼ିକରେ ଇନଫ୍ଲେମେଟରୀ ଗୁଣ ମିଳିଥାଏ ଯାହା ଶରୀରର ଉତ୍ତାପକୁ ବଢାଇଥାଏ । ଏପରି ପରିସ୍ଥିତିରେ, ଆପଣ ଶରୀରକୁ ଥଣ୍ଡା କରିବା ପାଇଁ ଦହି ଖାଇପାରିବେ । ଏହା ପ୍ରୋବାୟୋଟିକ୍ସରେ ଭରପୁର ଖାଦ୍ୟ ଯାହାକି ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ଅବସ୍ଥାରେ ରଖେ ଏବଂ ପିରିୟଡସ୍ ସମୟର କଷ୍ଟକୁ କମାଇଥାଏ ।

୨. ମୌସମୀ ଫଳ: ପରିୟଡସ୍ ସମୟରେ ଯନ୍ତ୍ରଣା କମାଇବା ପାଇଁ ଆପଣ ମୌସମୀ ଫଳ ଖାଇପାରିବେ । ଏହି ଫଳଗୁଡ଼ିକ ଯନ୍ତ୍ରଣା ହ୍ରାସ କରିବାରେ ବହୁତ ସହାୟକ ହୋଇଥାଏ । ଆପଣ ସେଗୁଡ଼ିକୁ ସକାଳେ ଜଳଖିଆ ଭାବରେ ଖାଇପାରିବେ । ଏହା ବ୍ୟତୀତ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ଆପଣ ତରଭୁଜ ଏବଂ କାକୁଡି ପରି ଫଳ ମଧ୍ୟ ଖାଇପାରିବେ ।

୩. ଡ୍ରାଏ ଫ୍ରୁଟସ୍ : ଡ୍ରାଏ ଫ୍ରୁଟସ୍ ଏବଂ ବାଦାମ ଯନ୍ତ୍ରଣା ହ୍ରାସ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ । ଏଥିରେ ଓମେଗା -୩, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଆଇରନ୍ ଏବଂ ପ୍ରୋଟିନ୍ ମିଳିଥାଏ । ଏହି ଖାଦ୍ୟ ଭଲ ନିଦରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଡ୍ରାଏ ଫ୍ରୁଟସରେ ମ୍ୟାଗ୍ନେସିୟମ୍ ମିଳିଥାଏ ଯାହା ଆମକୁ ସ୍ନାୟୁ ପ୍ରଣାଳୀକୁ ଶାନ୍ତ କରିବାରେ ସାହାଯ୍ୟ କରିଥାଏ ।

୪. ହର୍ବାଲ୍ ଚା' ପିଅନ୍ତୁ : କଫିନ୍ କିମ୍ବା ମଦ୍ୟପାନ କରିବା ଦ୍ୱାରା ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ହଜମ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ହୋଇପାରେ । ସେଥିପାଇଁ ପିରିୟଡସ୍ ସମୟରେ ନିଶାଯୁକ୍ତ ପଦାର୍ଥ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଆପଣଙ୍କ ଖାଦ୍ୟରେ ରସବେରୀ ଚା', ପୁଦିନା ଚା' କିମ୍ବା ହର୍ବାଲ ଚା' ସାମିଲ କରନ୍ତୁ ଯାହା ଯନ୍ତ୍ରଣାକୁ କମ୍ କରିବାରେ ସହାୟକ ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଂଘର୍ଷ ସମାପ୍ତିର ମାର୍ଗ ...

ରୁଷ ଓ ୟୁକ୍ରେନ୍ ଭିତରେ ସଂଘର୍ଷକୁ ଦୀର୍ଘ ସମୟ ହୋଇସାରିଲାଣି । ମାତ୍ର ତାହା ଥମିବାର ନାମ ନେଉନି । ଉଭୟ ରୁଷ୍ ରାଷ୍ଟ୍ରପତି ପୁଟିନ୍ ଓ ୟୁକ୍ରେନ୍ ନେତା ଜେଲିନସ୍କି ନିଜ ଜିଦ୍‌ରୁ ଓହରିବାର ଦେଖାଯାଉନାହିଁ । ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରୟୋଗ ହେତୁ ଧ୍ୱଂସ ପାଇସାରିଲାଣି ୟୁକ୍ରେନ୍‌ର ଅନେକ ସହର । ତିନି ଚାରିଟି ଅଙ୍ଗ ପ୍ରଜାତନ୍ତ୍ରକୁ ନିଜ ଦେଶର ଅଂଶବିଶେଷ ବୋଲି ଘୋଷଣା କରି ପ୍ରେସିଡେଣ୍ଟ ପୁଟିନ୍ ଯେଉଁ ଔପଚାରିକତା ପାଳନର ଆଶା ରଖିଥିଲେ, ତାହା ଆପାତତଃ ଫସର ଫାଟିଗଲା ଭଳି ପ୍ରତୀତ ହେଉଛି । ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ ଯୋଗେ ପୁଟିନ୍‌ଙ୍କ ସହ କଥାବାର୍ତ୍ତା ସମୟରେ ଆଲୋଚନା ଓ କୂଟନୀତି ଉଭୟ ରାସ୍ତା ଆପଣାଇବା ସକାଶେ ପରାମର୍ଶ ଦେଇଛନ୍ତି । ଯୁଦ୍ଧ ବିଗ୍ରହ ବର୍ତ୍ତମାନ ଯୁଗରେ ସଂଘର୍ଷ ସମାପ୍ତିର ମାର୍ଗ ହୋଇନପାରେ । କଥାବାର୍ତ୍ତା ଓ କୂଟନୀତିର ମାର୍ଗ ଆପଣାଇବା ହେଉଛି ଏଭଳି ଉପାୟ ଯାହାରକି ବିକଳ୍ପ ନାହିଁ । କିଛି ଦିନ ତଳେ ୟୁକ୍ରେନ୍ ନେତାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ସମାନ ପରାମର୍ଶ ଦେଇଥିଲେ । ଭାରତର ପରାମର୍ଶକୁ କେଉଁ ନେତା କିଭଳି ଭାବ ଓ ମନୋଭାବ ନେଇ ଗ୍ରହଣ କରୁଛନ୍ତି ତାହା ଭିନ୍ନ କଥା । ମାତ୍ର ଏ ବାବଦରେ ଆମ ଦେଶ ସବୁବେଳେ ଚାହିଁବ ଯେ, ଅଶାନ୍ତି ଓ ସଂଘର୍ଷର ରାସ୍ତା ଛାଡ଼ି କଥାବାର୍ତ୍ତା ଜରିଆରେ କିଛି ସମାଧାନର ରାସ୍ତା ଆପଣାଯିବା ଆବଶ୍ୟକ । ଏହା ମଧ୍ୟରେ ବେଲାରୁଷର ନେତୃତ୍ୱ ସହ ରୁଷ ରାଷ୍ଟ୍ରପତି ପୁଟିନ୍ କଥାବାର୍ତ୍ତା କରି ସର୍ବଶେଷ ସ୍ଥିତିର ସମୀକ୍ଷା କରିଛନ୍ତି । ସେ ୟୁକ୍ରେନ୍ ବିରୋଧରେ ବଳ ଗୋଟାଇବାରେ ଚିନ୍ତାରେ ଅଛନ୍ତି । ଆପାତତଃ ଉଭୟ ରୁଷ୍ ଓ ୟୁକ୍ରେନ୍ ଉପରେ କଥାବାର୍ତ୍ତା ଓ କୂଟନୀତି ମାଧ୍ୟମରେ ତିକ୍ତତାର ଅବସାନ ପାଇଁ ପରାମର୍ଶର ପ୍ରଭାବ ପଡ଼ିଲା ଭଳି ଜଣାଯାଉନାହିଁ । ସେପଟେ ଯୁକ୍ତରାଜ୍ୟ ବ୍ରିଟେନର ପ୍ରଧାନମନ୍ତ୍ରୀ ରିଷି ସୁନକ୍ ନିଜେ ୟୁକ୍ରେନ୍ ଯାଇ ବିପୁ ଧନରାଶି ଓ ସାମରିକ ସରଞ୍ଜାମ ଦେବାର ପ୍ରତିଶ୍ରୁତି ଜେଲିନସ୍କିଙ୍କୁ ଦେଇ ଫେରିଛନ୍ତି । ନାଟୋ ସାମରିକ ମେଣ୍ଟର ପ୍ରମୁଖ ଅଂଶୀଦାର ଭାବରେ ସୁନକ ଦାୟିତ୍ୱ ନିଭାଇଥିବା କୁହାଯାଉଥିବା ବେଳେ ଆମେରିକା ପୂରା ଦମ୍ ଲଗାଇ ୟୁକ୍ରେନ୍ ଯୁଦ୍ଧ ଅଧିକ କାଳ ଲଗାଇବାର ଖୋରାକ୍ ଦେଇଛନ୍ତି । ରୁଷ-ୟୁକ୍ରେନ୍ ଯୁଦ୍ଧର ପରିଣତି କେଉଁ ଦିଗକୁ ଇସାରା କରୁଛି ? ହୋଇପାରେ ପରମାଣୁ ଅସ୍ତ୍ର ପ୍ରୟୋଗ ଭଳି ଧମକ ପାଇଁ ଯେଉଁଭଳି ରୁଷ ପାଗଳପ୍ରାୟ ହେଉଚି, ସେହି ଦୃଷ୍ଟିରୁ ମୋଦିଙ୍କ କଥିତ ପରାମର୍ଶ କିଛି ପ୍ରଭାବୀ ହେବ ବୋଲି ଆଶା କରି ହେଉନାହିଁ । ଭାରତ ଜି-୨୦ର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନେଇଛି । ଭାରତର ସଂଘର୍ଷରତ ଦୁଇ ଦେଶଙ୍କୁ ପରାମର୍ଶର ଦୂରଗାମୀ ଗୁରୁତ୍ୱ ରହିଛି । କେଉଁ ପକ୍ଷ କିଭଳି ଆଭିମୁଖ୍ୟ ନେବେ, ତାହା ଭିନ୍ନ କଥା । କିନ୍ତୁ ଭାରତ ତାର ସକାରାତ୍ମକ ଭୂମିକା ତୁଲାଇବା ନୀତି କଦାପି ପରିହାର କରିନପାରେ । ସାମରିକ ସଂଘର୍ଷ କଦାପି ସମାଧାନର ରାସ୍ତା ନୁହେଁ । ଏହି ନୀତିରେ ଭାରତର ବିଶ୍ୱାସ ରହିଛି । ତେଣୁ କଥାବାର୍ତ୍ତା ଓ କୂଟନୀତି ଭଳି ଉପାୟ ଜରିଆରେ ସଂଘର୍ଷକୁ ଟାଳିହେବ । ଏଭଳି କିଛି ଜଟିଳ ସମସ୍ୟା ନାହିଁ, ଯାହାରକି କଥାବାର୍ତ୍ତା ଜରିଆରେ ସମାଧାନ ରାସ୍ତା ବାହାରି ନପାରିବ । ଦୁଇ ଦୁଇଟି ମହାଯୁଦ୍ଧ ସହିତ ଶୀତଳଯୁଦ୍ଧ ପ୍ରତ୍ୟକ୍ଷ କରିଥିବା ବିଶ୍ୱ ପାଇଁ ୟୁକ୍ରେନ୍ ଯୁଦ୍ଧ ବିଷମ ପ୍ରଶ୍ନ ଛିଡ଼ା କରାଇଛି । ମିଳିତ ଜାତିସଂଘ ଭଳି ଅନୁଷ୍ଠାନ ଏବେ ମୂକ ଦର୍ଶକ ହୋଇ ରହିଛନ୍ତି । ସେମାନଙ୍କ ଅବସ୍ଥିତି ଓ ଅଭିମୁଖ୍ୟ ଯେହେତୁ ଆମେରିକା, ବ୍ରିଟେନ ଭଳି ଦେଶଙ୍କ ଅନୁଦାନ ଉପରେ ନିର୍ଭରଶୀଳ, ତେଣୁ ସଂସ୍ଥାର ନିଷ୍ପକ୍ଷତା ମଧ୍ୟ ସନ୍ଦେହମୁକ୍ତ ନୁହେଁ ବୋଲି କହିହେବ । ସେହି ପରିପ୍ରେକ୍ଷୀରେ କଥାରେ ଆମେ ଯେତେ 'ବସୁଧୈବ କୁଟୁମ୍ବକମ୍'ର କଥା କହୁଥିଲେ ହେଁ ତାହା କାଲ ଆଗରେ ମୂଳା ଚୋବାଇବା ଭଳି ହେଉଛି । ଅର୍ଥ ଓ ଅସ୍ତ୍ର ବଳ ବର୍ତ୍ତମାନ ସମୟରେ ଶକ୍ତିଶାଳୀ ସାଧନ । ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରାଯିବା ନୀତି ଆମକୁ ଆପଣେଇବାକୁ ହେବ । ବିଶ୍ୱ ଶାନ୍ତିର ବୃହତ୍ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ହେଲେ ଏହା ପ୍ରକୃଷ୍ଟ ଉପାୟ । ଅବସ୍ଥା ବିଶେଷରେ ଭାରତ ଏବେ ବିଶ୍ୱଗୁରୁ ଭୂମିକାରେ । ତେଣୁ ଜି-୭ ହେଉ କି ଜି-୨୦ ହେଉ, ସମସ୍ତେ ଭାରତର ସକାରାତ୍ମକ ପରାମର୍ଶ ଲୋଡୁଛନ୍ତି । କୋଭିଡ ମହାମାରୀ ହେଉ କି ଆଞ୍ଚଳିକ ସଂଘର୍ଷ, ସବୁକ୍ଷେତ୍ରରେ ଭାରତର ସକାରାତ୍ମକ ଆଭିମୁଖ୍ୟ ନେଇ ବିଶ୍ୱରେ ବିଶ୍ୱସନୀୟତା ରହିଛି । ସେଥିପାଇଁ ଆମ ଦେଶର ବିଶ୍ୱସ୍ତରୀୟ ଭୂମିକାକୁ ସମଗ୍ର ଦେଶବାସୀ ଚାହିଁ ରହିଛନ୍ତି । ଉପସ୍ଥିତି କ୍ଷେତ୍ରରେ ରୁଷ ଓ ୟୁକ୍ରେନ୍ ସଂଘର୍ଷ ପରିପ୍ରେକ୍ଷୀରେ ଉଭୟ ରାଷ୍ଟ୍ରଙ୍କ ପାଇଁ ଭାରତର ପରାମର୍ଶ ଉପାଦେୟ ସାବ୍ୟସ୍ତ ହେବ ।

## ଜନସଂଖ୍ୟା ବୃଦ୍ଧି ଏକ ଦୃଷ୍ଟିପାତ



ଡକ୍ଟର ଲକ୍ଷ୍ମଣ ସାହୁ

ମିଳିତ ଜାତିସଂଘର ବିଶ୍ୱ ଜନସଂଖ୍ୟା ଆଶା ୨୦୨୨ ରିପୋର୍ଟ ଅନୁଯାୟୀ, ୨୦୨୩ ମସିହାରେ ଭାରତ ବିଶ୍ୱର ବୃହତ୍ତମ ଜନସଂଖ୍ୟା ଦେଶ ଭାବରେ ଚୀନ୍‌କୁ ଅତିକ୍ରମ କରିବ । ସେମାନେ କହିଛନ୍ତି ଯେ ବିଶ୍ୱର ମୋଟ ଜନସଂଖ୍ୟା ୮ ବିଲିୟନରେ ପହଞ୍ଚିଛି । ଗତ ବର୍ଷ ମାର୍ଚ୍ଚ ଆରମ୍ଭରେ ଚାଇନାର ସୋସିଆଲ ମିଡିଆରେ ଖବର ପ୍ରସାରିତ ହୋଇଥିଲା ଯେ ଭାରତର ଜନସଂଖ୍ୟା ଚୀନ୍‌କୁ ଅତିକ୍ରମ କରିସାରିଛି ।

କିନ୍ତୁ ବିଶେଷଜ୍ଞମାନେ ଏହି ଖବରକୁ ଖଣ୍ଡନ କରିଛନ୍ତି । ସମ୍ପ୍ରତି ଭାରତରେ ମହିଳାମାନେ ନିଜ ମା'ଙ୍କ ଅପେକ୍ଷା କମ୍ ସନ୍ତାନ ପ୍ରସବ କରୁଛନ୍ତି । ତେବେ ଜନ୍ମ ହାର ପୂର୍ବ ତୁଳନାରେ କମ୍ ହୋଇଥିଲେ ମଧ୍ୟ ଦେଶରେ ଜନସଂଖ୍ୟା ବୃଦ୍ଧି ପାଉଛି । ଏହି କାରଣରୁ ରାଜନୈତିକ ମୁଖ୍ୟ ସ୍ରୋତରେ ଏକ ଆଲୋଚନା ହେଉଛି ଯେ ଚୀନ୍ ପରେ ଏକ 'ଶିଶୁ ନୀତି' ଭଳି ଭାରତ ନୀତି ଗ୍ରହଣ କରିବା ଉଚିତ । କିନ୍ତୁ ଭାରତ ଚୀନର ଅତୀତର ଜନସଂଖ୍ୟା ନୀତି ଅନୁକରଣ କରିବା ଉଚିତ୍ । ଯଦିଓ ଏହି ଧାରଣା ଅତ୍ୟନ୍ତ ବିପଜ୍ଜନକ ଅଟେ । କଡା ଜନସଂଖ୍ୟା ନୀତିର ପରମ୍ପରା ବଜାୟ ରଖିବାକୁ ଉଭୟ ଦେଶ ଚେଷ୍ଟା କରୁଛନ୍ତି । କିନ୍ତୁ ଏହି କ୍ଷେତ୍ରରେ ଭାରତକୁ ବହୁତ ସତର୍କ ରହିବାକୁ ପଡିବ । କାରଣ କଠୋର ଜନସଂଖ୍ୟା ନିୟନ୍ତ୍ରଣ ମହିଳା ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ବିପର୍ଯ୍ୟସ୍ତ ପରିଣାମ ଆଣିପାରେ ।

୧୯୫୨ ମସିହାରେ ଭାରତ ବିଶ୍ୱରେ ପ୍ରଥମ ଜାତୀୟ ପରିବାର ଯୋଜନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା । ଜନ୍ମ ହାର ହ୍ରାସ ପାଇବାରେ ଲାଗିଲା, କିନ୍ତୁ ଗତି ମନ୍ଥର (ଧୀର) ହେଲା । ଫଳସ୍ୱରୂପ, ପରିବାରର ଆକାର ପୂର୍ବ ପରି ବଡ ରହିଥାଏ । ଏହା ପରେ ସରକାର ଏକ ବୃହତ ବାଧ୍ୟତାମୂଳକ ନିରାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଆରମ୍ଭ କଲେ । ବିଶେଷକରି ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ଭାରତରେ 'ଜରୁରୀକାଳୀନ ପରିସ୍ଥିତି' ସମୟରେ ମୁସଲମାନ ଏବଂ ସହରୀ ଗରିବ ଲୋକଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ଅଣାଯାଇଥିଲା । ୧୯୪୯ ରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ପ୍ରତିଷ୍ଠା ପରେ ଶିଶୁ ମୃତ୍ୟୁହାର ଯଥେଷ୍ଟ ହ୍ରାସ ପାଇଲା । ୧୯୫୦ରୁ ୧୯୮୦ ମଧ୍ୟରେ ଦେଶର ଜନସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଛି । ଫଳସ୍ୱରୂପ ୧୯୮୦ ଦଶକ ଆରମ୍ଭରେ ଦେଶ 'ଗୋଟିଏ ଶିଶୁ ନୀତି' ଗ୍ରହଣ କରିଥିଲା ଏବଂ ଆଇନ କରିଥିଲା ଯେ କୌଣସି ଦମ୍ପତିଙ୍କର ଗୋଟିଏରୁ ଅଧିକ ସନ୍ତାନ ହୋଇପାରିବ ନାହିଁ । ଫଳସ୍ୱରୂପ, ଜନ୍ମ ହାର କମିଯାଏ । ଉଭୟ ଭାରତ ଓ ଚୀନ୍ ରେ ଏହି ଜନସଂଖ୍ୟା ନୀତି ମୁଖ୍ୟତଃ ଅଜାଣତରେ ଥିଲା ।

ଚାଇନା ସରକାର ଥରେ ଦେଖିଲେ ଯେ ଜନ୍ମ ହାର ହ୍ରାସ ହେତୁ ଦେଶରେ ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଯୁବ ନାଗରିକଙ୍କ ସଂଖ୍ୟା ହ୍ରାସ ପାଇଛି । ସରକାର ୨୦୧୫ ରେ ଏହି ଆଇନରେ ସଂଶୋଧନ କରି ଘୋଷଣା କରିଥିଲେ ଯେ ସମସ୍ତ ଦମ୍ପତି ଚାହିଁଲେ ଦୁଇଟି ସନ୍ତାନ ପାଇପାରିବେ । ୨୦୨୧ ମସିହାରେ, ତିନି ପିଲାଙ୍କୁ ଅନୁମତି ଦେବା ପାଇଁ ଆଇନ ଆରାମଦାୟକ ହୋଇଥିଲା । କିନ୍ତୁ ତଥାପି ଦେଖାଯାଏ ଯେ ଜନ୍ମ ହାର ବୃଦ୍ଧି ପାଉନାହିଁ । ବିଶେଷକରି ସହରୀ ମଧ୍ୟବିତ୍ତମାନଙ୍କ ମଧ୍ୟରେ, ଏକରୁ ଅଧିକ ସନ୍ତାନ ପାଇବାକୁ ସମ୍ପୂର୍ଣ୍ଣ ଆଗ୍ରହ ନାହିଁ । ଉଭୟ ଭାରତ ଏବଂ ଚାଇନାରେ ଗର୍ଭାବସ୍ଥାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିର୍ଣ୍ଣୟ କରିବା ଏବଂ ଗର୍ଭପାତ ଦ୍ୱାରା ଏହାକୁ ନଷ୍ଟ କରିବାର ପ୍ରବୃତ୍ତି ରହିଛି, ବିଶେଷ କରି ଯଦି ଏହା ଏକ ଗର୍ଭସ୍ଥ ଶିଶୁ ଅଟେ । ଏହା ବାଧ୍ୟତାମୂଳକ ବିବାହ ଓ ମାନବ ଚାଲାଣ ସହିତ ବିଭିନ୍ନ ସାମାଜିକ ସମସ୍ୟା ସୃଷ୍ଟି କରୁଛି । ଚୀନ୍ ବର୍ତ୍ତମାନ ନିଜର ଏକ ଶିଶୁ ନୀତିରୁ ବିପରୀତ ଦିଗକୁ ଯିବା ପରେ ମଧ୍ୟ ଏହାର ଜନସଂଖ୍ୟା ପରିବର୍ତ୍ତନକୁ ଓଲଟପାଲଟ କରିବାରେ ଅସମର୍ଥ ହୋଇଛି । ବଢୁଥିବା ଆର୍ଥିକ ଚାପରେ ସହରୀ ମଧ୍ୟବିତ୍ତ ଦମ୍ପତିମାନେ ଏକରୁ ଅଧିକ ସନ୍ତାନ ପାଇବାକୁ ଆଗ୍ରହୀ ନୁହଁନ୍ତି । ଯଦିଓ ସରକାର 'ଅଭିଜିତ' ସହରୀ ମହିଳାମାନଙ୍କୁ ସନ୍ତାନ ପ୍ରସବ କରିବାକୁ ଉତ୍ସାହିତ କରୁଛନ୍ତି ଏବଂ ବିଭିନ୍ନ ସୁବିଧା ଯୋଗାଉଛନ୍ତି । ତଥାପି ଗ୍ରାମାଞ୍ଚଳ ଏବଂ ସଂଖ୍ୟାଲଘୁ ମହିଳାମାନେ ଅଧିକ ସନ୍ତାନ ପାଇବାକୁ ନିରୁତ୍ସାହିତ ହେଉଛନ୍ତି ।

ଚାଇନା ପରି କେତେକ ଭାରତୀୟ ରାଜ୍ୟରେ ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ବଢୁଥିବା ଅଭିଳାଷ ଜନ୍ମ ହାରରେ ସହାୟକ ହେଉଛି । ଚୀନ୍ ପରି ଏହି ରାଜ୍ୟଗୁଡିକ ବର୍ତ୍ତମାନ ବୃଦ୍ଧାବୃଦ୍ଧର ସମ୍ମୁଖୀନ ହେଉଛନ୍ତି । ଯେଉଁ ରାଜ୍ୟରେ ମୁସଲମାନମାନଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ, ସେଠାରେ ମଧ୍ୟ ଧୀର ଗତିରେ ଜନ୍ମ ହାର ହ୍ରାସ ପାଉଛି । ଜନ୍ମ ହାର କମ୍ ଥିବା ସତ୍ତ୍ୱେ ଉତ୍ତର ପ୍ରଦେଶର, କେତେକ ରାଜନେତା ଯାହାର ମୁସଲମାନ ଜନସଂଖ୍ୟା ଅଧିକ ହୋଇଛି ।

ଏବେ ଚୀନ୍‌ର ପୂର୍ବ ଏକ ଶିଶୁ ନୀତି ଭଳି କିଛି ପ୍ରବର୍ତ୍ତନ କରିବାକୁ ରାଜ୍ୟମାନେ ପ୍ରୋତ୍ସାହିତ କରିଛନ୍ତି । ବାସ୍ତବରେ, ସେମାନଙ୍କର ଆହ୍ୱାନର ଭାରତର ଜନସଂଖ୍ୟା ବାସ୍ତବତା ସହିତ ବହୁତ କମ୍ ସମ୍ପର୍କ ଅଛି । ମୂଳତଃ ମୁସଲମାନ ଏବଂ ଦଳିତଙ୍କ ଜନ୍ମ ହାରକୁ ନେଇ ଅଧିକାଂଶ ହିନ୍ଦୁ ଜାତୀୟତାବାଦୀଙ୍କ ରାଜନୈତିକ ଚିନ୍ତାଧାରା ସହିତ ଏହି ଆହ୍ୱାନର ଅଧିକ ସମ୍ପର୍କ ରହିଛି । ଚିନ୍ତାର ବିଷୟ ହେଉଛି ଯଦି ଏହିପରି ନୀତି ପ୍ରଣୟନ କରାଯାଏ, ତେବେ ମହିଳା ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଅନ୍ୟାୟ ଭାବରେ ପ୍ରଭାବିତ ହୋଇପାରନ୍ତି । ସୂଚେଇ ଦେବାକୁ ଚାହେଁ ନିଜର ଧର୍ମ, ଜାତି, କୁଳ, ସଂସ୍କୃତି, ସଂସ୍କାର ଓ ପରମ୍ପରାକୁ ସମ୍ମାନ ଦେଉଥିବା ଏବଂ ପରମାତ୍ମାଙ୍କୁ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ଧର୍ମଭୀରୁ ନୁହଁନ୍ତି କି କୌଣସି ବାଦ, ବିବାଦ, ବାଦୀ ସଂପ୍ରଦାୟ ଗୋଷ୍ଠୀ ନୁହଁନ୍ତି ବରଂ ସମାଜର ରକ୍ଷକ ଓ ମଙ୍ଗଳକାରୀ । ଜନସଂଖ୍ୟା ନିୟନ୍ତ୍ରଣ ପ୍ରତି ସେମାନେ ସମ୍ବେଦନଶୀଳ ଓ ସଚେତନ ରହିବା ଆବଶ୍ୟକ ।

ଭାରତରେ ମୁସଲମାନ ଜନବହୁଳ ଚାରିଟି ରାଜ୍ୟ 'ଦୁଇ ଶିଶୁ ନୀତି' ଆଇନ ପ୍ରଣୟନ କରିସାରିଛନ୍ତି । ଏହା ବ୍ୟତୀତ ଯେଉଁମାନେ ଏକ ସନ୍ତାନ ଗ୍ରହଣ କରିବଏ ସେହି ଦମ୍ପତିମାନଙ୍କ ପାଇଁ ସରକାର ଏକ ବିଶେଷ ପ୍ରୋତ୍ସାହନ ଘୋଷଣା କରିଛନ୍ତି । ୨୦୨୧ ମସିହାରେ ଜଣେ ବରିଷ୍ଠ ମନ୍ତ୍ରୀ ଏକ ଜାତୀୟ 'ଗୋଟିଏ ଶିଶୁ' ନୀତି ପ୍ରସ୍ତାବ ଦେଇଥିଲେ । ଅତୀତର ଜନସଂଖ୍ୟା ନିୟନ୍ତ୍ରଣ ନୀତି ପରି, ସେମାନେ ମୁସଲମାନ ଓ ନିମ୍ନ ଜାତିର ପରିବାରକୁ ଟାର୍ଗେଟ କରି ଏକ ବ୍ୟାପକ ହିନ୍ଦୁ ଜାତୀୟତାବାଦୀ ଏଜେଣ୍ଡା ଅନୁସରଣ କରିବାକୁ ଚାହୁଁଛନ୍ତି । ଚୀନ୍‌ର ଗୋଟିଏ ଶିଶୁ ନୀତିର ଚୂଡାନ୍ତ ପ୍ରଭାବ ସମୟରେ ଏହା ଯେପରି ଘଟିଛି, ଯଦି ଭାରତରେ ଜାତୀୟ ସ୍ତରରେ ଏପରି ଆଇନ ପ୍ରଣୟନ ହୁଏ, ତେବେ ଅନେକ ଭାରତୀୟ ସରକାରୀ ଚାକିରୀ ହରାଇବେ ଏବଂ ଅନେକ ନାଗରିକ ସୁବିଧା ପାଇବେ । ଯେହେତୁ କେତେକ ରାଜ୍ୟ ଏବଂ ପୌରସଂସ୍ଥା (ଝଙ୍କଭସମସକ୍ତବକ୍ଷ) ଆଇନ ପ୍ରଣୟନ କରିସାରିଛନ୍ତି, ଦୁଇରୁ ଅଧିକ ପିଲା ଥିବା ଲୋକ ସରକାରୀ ଚାକିରୀ ଓ ରାଜନୈତିକ କାର୍ଯ୍ୟାଳୟ ପାଇଁ ଅଯୋଗ୍ୟ ହେବେ । ମହିଳାମାନଙ୍କର ନିଜସ୍ୱ ପ୍ରଜନନ ପସନ୍ଦ ଯୋଗୁଁ ଭାରତର ଜନ୍ମ ହାର ଏବଂ ପରିବାରର ଆକାର ହ୍ରାସ ପାଉଛି । ଏଠାରେ ଅନେକ ମହିଳା ଦୁଇଟି ସନ୍ତାନ (କିମ୍ବା ଗୋଟିଏ ପୁଅ) ରହିବା ପରେ ସ୍ଥାୟୀ ସର୍ଜିକାଲ୍ ଗର୍ଭନିରୋଧକ ପ୍ରାପ୍ତ କରୁଛନ୍ତି । ଡାକ୍ତର ଏବଂ ମହିଳା, ଅର୍ଥାତ୍ ଗ୍ରାମୀଣ ଗରିବ ମହିଳାମାନଙ୍କୁ ସ୍ଥାୟୀ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବାକୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ।

ଅନ୍ୟ ଅର୍ଥରେ, ଭାରତ ଦୀର୍ଘ ଦିନରୁ ଛୋଟ ପରିବାର ପ୍ରତି ନିର୍ଭରଶୀଳ ଥିଲା । ଜାତିସଂଘର ୨୦୨୨ ରିପୋର୍ଟ ଅନୁଯାୟୀ, ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ଦ୍ୱାରା କଠୋର ହସ୍ତକ୍ଷେପର ଆବଶ୍ୟକତା ନାହିଁ ।


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪

ମୋ: ୯୦୪୦ ୧୫୧୪୭୫


## ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ



ପ୍ର. ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

**ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ :** ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ। ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲୁଟେନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ଶୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

> ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ । ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି।

**ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ :** ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଟେନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

ମୋ : ୯୪୩୭୧୨୪୦୭୪





### ବୟସର ଗୋଧୂଳି ଲଗନେ

ବିଜୟ କୁମାର ପଣ୍ଡା

କଥା ଦିଅ..
ବୟସର ଗୋଧୂଳି ଲଗନେ..
ମୋ ଡାକ ଶୁଣି ତମେ ଓ କରିବ
ଅନେକ ଦିନ ପରେ ..ପୁଣି ଆଖିରେ
ଆଖି ମିଶିବ
ପିଲାଦିନ ଧୂଳିଖେଳ ମନେ ପକାଇ
ଆମେ ପୁଣି ହସିବା,
କାରଣ ନଥାଇ ଏଣୁ ତେଣୁ ମେଞ୍ଚେ
ଗପିବା
ଅତୀତକୁ ନେଇ ଖୁବ୍ ଖୁସି ହେବା
ଆମ କଥା ସବୁ
ମୃଦୁ ମଳୟରେ ଭାସିଯାଉଥିବ
ଦୂରକୁ ଦୂରକୁ.. ଅନେକ ଦୂରକୁ
ବୟସର ଛିଟାରେ,କୁଞ୍ଚ
ପଡ଼ିଯାଇଥିବା
ଆଖିତଳକୁ ଚାହିଁ ମନେ
ପଡ଼ିଯାଉଥିବ ଯୌବନ
ପଶ୍ଚିମ ସୁରୁଜ ଯେବେ ମେଲାଣି
ନେଉଥିବେ,
ପକ୍ଷୀ ମାନେ କିଚିରି ମିଚିରି କରି
ନିଡ଼କୁ ଫେରିଯାଉଥିବେ,
ଜାଣିବି ଅଜଣା ହୋଇ ..
ଛଳ ଛଳ ଆମ ଆଖି ଖୋଜୁଥିବ
ବିତି ଯାଇଥିବା ଅତୀତ,
ହଜିଯାଇଥିବା ପିଲାଦିନ,
ସରି ଯାଇଥିବା ଅନେକ ଅପେରା ।


ସମ୍ପାଦକ-କନକପ୍ରଭା, ଭର୍ତ୍ତୁର, ଧ୍ୱଗୋଲୁରୁ
ମୋ : ୯୭୩୯୫୯୧୮୧୬


### ଶୀତ ଆସିଲାଣି ଗୀତ ଗାଇ

ଜୟକୃଷ୍ଣ ସାହୁ

ଶୀତ ଆସିଲାଣି ଗୀତ ଗାଇ ଗାଇ
ମିତଟିଏ ପରି ସତେ
ଶୀତର ପରଶ ପାଇବାକୁ ଝୁନି
ଝୁରି ହେଉଥିଲା କେତେ।
ସକାଳୁ ଉଠି ସେ ଖରା ପୁଆଁଇବ
ମୁଢ଼ି ଚନାଚୁର ଧରି
ବାପା ଆଣିଥିବା ସୁଟ ସ୍ୱେଟର
ପିନ୍ଧିବ ସେ ନୂଆକରି।
ହାତେ ଡାଲା ଧରି ତୋଳି ଆଣି ଦେବ
ସେବତୀ ଶେଫାଳୀ ଫୁଲ
ଖୁସିରେ ସେ ତଳେ ପକାଇବ ନାହିଁ
ଗୋଟେ ହେଲେ କାହା ବୋଲ।
ସଭିଏଁ କହିବେ ଝୁନିଟା ଆମର
ସୁନାପିଲା ହୋଇଲାଣି
ସେନେହରେ ଜେଜେ ଗେଲ
କରିଦେବେ
ଝୁନିକି କୋଳକୁ ଆଣି।
ସକାଳୁ ଗରମ ଚା' କପେ ଆଣି
ଜେଜେଙ୍କୁ ଧରେଇ ଦେବ
କହିଥିବ ସିଏ ଆଗରୁ ମାଆଙ୍କୁ
ଚା'ରେ ଚିନି ନଦେବ।
ଜେଜେ ମାଆ ଦେଖି କହିବ ଝୁନିକି
ହଇଲୋ ଫୁଲେଇ ରାଣୀ !
ଜେଜେଙ୍କୁ ତୁ ଭାରି ପୂଜା କରୁଅଛୁ
ତାଙ୍କ ମନ କଥା ଜାଣି
ମୋ କଥା କି ମନେ ନାହିଁ,
ହସି ହସି ଜେଜୀ ଗଡ଼ିଯାଉଥିବ
ଝୁନିକି କୋଳକୁ ନେଇ।


କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


### ବିବଶ ମୃତ୍ୟୁ

ଶୁଭଦର୍ଶିନୀ ଦାଶ

ହୋଇପାରେ ମୃତ୍ୟୁ ସତ୍ୟ ଚିରନ୍ତନ
ଭୟଭୀତ କରିପାରେ ଭୟାତୁର ମନକୁ
ଜିଇବା ଇଚ୍ଛାରେ ପାଇପାରେ ପ୍ରଭୂ ପଦ
ଅଙ୍କିପାରେ ମୃତକର ନାମ ଆଗେ ନିଜ ସ୍ୱାକ୍ଷର

ନୀରବେ ଆସି ଖେଳିଦେଇ ଯାଇପାରେ ରକ୍ତର ହୋଲି
ହୋଇପାରେ ସେ କୋମଳ ସ୍ପର୍ଶ ଚୀର ନିଦ୍ରାର
ଶେଷ ଠିକଣା ଶେଷ ନିଶ୍ୱାସର
ନେପଥ୍ୟ ନାୟକ ସାଜି ଖଟେଇଦେଇ ଯାଇପାରେ
ସମୟର ହିସାବରେ କମା ଦିଆ ଜୀବନକୁ,

ସମୟଟା କିନ୍ତୁ ଖାଣ୍ଟି ସୌଦାଗର
ହିସାବ ନିକାଶରେ କେବେ କରେନି ପାତର ଅନ୍ତର
ତା ନାମ ଜପି ଆୟୁଷ ମଇଦାନରେ
ରଚିଗଲେ ମୃତ୍ୟୁ ଯେତେ ତାଣ୍ଡବ
ସମୟ ଆଗେ ସେଯେ ବିବଶ ଦାସ

ମୁଣ୍ଡ ନୁଆଁଇ ବଞ୍ଚିବାକୁ ହୁଏ ତାକୁ
ତା ପରିବାପଣିଆକୁ କରିବାକୁ ଚରିତାର୍ଥ
କାହାରି ଜୀବନେ ନାହିଁ ତାର ଅଧିକାର
ଯେ ଯାଏଁ ପଢ଼ିନାହିଁ ଜୀବନ ପୁସ୍ତିକାରେ
ସମୟର ପୂର୍ଣ୍ଣଚ୍ଛେଦ ।


ଭୁବନେଶ୍ୱର


### ତୁମେ ଏବେ ଯାଇପାର

ପ୍ରସେନଜିତ୍ ସେଠୀ

ମୋ ନୀରବ ହୃଦୟରେ
ତୁମେ କୋଳାହଳ ଭରିଥିଲ
ସେ କୋଳାହଳ ମୋ ସ୍ୱପ୍ନରେ ରଙ୍ଗ
ଭରିଥିଲା
ତୁମ ମଧୁର ତାନରେ
ମୁଁ ମନ୍ତ୍ରମୁଗ୍ଧ ହେଉଥିଲି
ତୁମ ଆଲିଙ୍ଗନରେ ମୁଁ ସ୍ୱର୍ଗ
ଭୋଗୁଥିଲି !

ଆଜି ସେହି କୋଳାହଳ ଅଛି ସତ
ସେ ମଧୁର ତାନରେ ଆଉ ମଧୁରତା
ନାହିଁ
ସେ ଆଲିଙ୍ଗନରେ ଆଉ କୋମଳତା
ନାହିଁ
କିମ୍ବା ନାହିଁ ଆନ୍ତରିକତା ଅବା ଉଷ୍ମତା
ଅଛି ଖାଲି ଗୋଟେ ମଧୁର ଛଳନା।

ମୋତେ ଲୋଡ଼ା ନାହିଁ ସେ ମଧୁର
ଛଳନା
ଯୋଉଠି ବଞ୍ଚିବା ପାଇଁ ସାମ୍ନା
କରିବାକୁ ପଡ଼େ
ମୃତ୍ୟୁର ଯନ୍ତ୍ରଣା
ଯୋଉଠି ମିଠା କଥା କହି
କାଟି ଦିଆଯାଏ ବିଶ୍ୱାସର ମୂଳଦୁଆ
ସମ୍ପର୍କର ଅଟ୍ଟାଳିକା ତାସର ଘର
ପରି
ଭୂଷୁଡ଼ିଯାଏ ଆଉ ଦେଇଯାଏ
ଅଲିଭା କ୍ଷତ।

ତୁମେ ଏବେ ଯାଇପାର
ଅନ୍ୟ କେଉଁ ପଥ ଅନ୍ୱେଷଣେ
ତୁମ ଛଳନାର ପଶାପାଳି ପରେ
ଆଉ କେଉଁ ପାଣ୍ଡବର
ନିର୍ବାସନର କାରଣ ହେବାକୁ।


ବାଲିଆ, ଗୋପୀନାଥପୁର, ଜଗତସିଂହପୁର
ମୋ: ୮୦୧୮୪୦୪୯୭୨




## ଏହି ରାଶିର ବ୍ୟକ୍ତି ଦାମୀ ପୋଷାକ ପିନ୍ଧିଥାନ୍ତି

**ସମସ୍ତେ ନିଜ ପସନ୍ଦ ହିସାବରେ ହିଁ ପୋଷାକ ପିନ୍ଧିଥାନ୍ତି। ବେଳେ ବେଳେ ଅନ୍ୟ ପସନ୍ଦ ମଧ୍ୟ ଆମକୁ ଭଲ ଲାଗିଥାଏ। ଆଉ ଆମେ ସେହି ଅନୁଯାୟୀ, ଡ୍ରେସ୍ କିଣିଥାଉ ବା ପିନ୍ଧିଥାଉ। ସେହି ପରି ପୋଷାକକୁ ନେଇ ବ୍ୟକ୍ତିର ବ୍ୟକ୍ତିତ୍ୱ କିମ୍ବା ଷ୍ଟାଟସ୍ ଆକଳନ କରାଯାଏ। ପୋଷାକକୁ ନେଇ ଜ୍ୟୋତିଷ ଶାସ୍ତ୍ର ସହ ସମ୍ପର୍କ ରହିଛି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏମିତି କିଛି ରାଶିର ଲୋକେ ଅଛନ୍ତି ଯେଉଁମାନେ ଦାମୀ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମଧ୍ୟ ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥାଏ। ତେବେ ଆସନ୍ତୁ ଜାଣିବା ରାଶି ଅନୁସାରେ ଡ୍ରେସ୍‌କୁ କିଛି ରୋଚକ କଥା।**



ମେଷ: ଏହି ରାଶିର ବ୍ୟକ୍ତି ରଙ୍ଗ ବେରଙ୍ଗର ପୋଷାକ ପିନ୍ଧିବା ପାଇଁ ପସନ୍ଦ କରିଥାନ୍ତି।

ବୃଷ: ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ରାଶିର ବ୍ୟକ୍ତି ଏପରି ପୋଷାକ ପିନ୍ଧିଥାନ୍ତି, ଯେଉଁଥିରେ ତାଙ୍କର ବ୍ୟକ୍ତିତ୍ୱ ଲୁଚି ଯାଇଥାଏ। ପୋଷାକ ମାମଲାରେ ଏମାନଙ୍କ ପସନ୍ଦ ଭଲ ନୁହେଁ ବୋଲି କୁହାଯାଏ।

ମିଥୁନ: ଏହି ରାଶିର ବ୍ୟକ୍ତି ନିଜ ପୋଷାକକୁ ନେଇ ସତର୍କ ରହିଥାନ୍ତି। କୁହାଯାଏ ଏମାନେ ନିଜ ପୋଷାକ ଦ୍ୱାରା ଅନ୍ୟକୁ ପ୍ରଭାବିତ କରିଥାନ୍ତି।

କର୍କଟ: ଏହି ରାଶିର ବ୍ୟକ୍ତି ପୋଷାକ ପିନ୍ଧିବା ତାଙ୍କ ମନ ସହିତ ଯୋଡି ହୋଇ ରହିଥାଏ। ଏହାର ଅର୍ଥ ଏମାନେ ନିଜ ମୁଡ୍ ହିସାବରେ ପୋଷାକ ପିନ୍ଧିଥାନ୍ତି।

ସିଂହ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦ କରିବାରେ ଦୁର୍ବଳ ଥାନ୍ତି। ଭଲ ପୋଷାକ ପିନ୍ଧିବା ପାଇଁ ଏମାନଙ୍କୁ ବାରମ୍ବାର କହିବାକୁ ପଡ଼ିଥାଏ।

କନ୍ୟା: ବାସ୍ତୁ ଅନୁସାରେ ଏହି ରାଶିର ବ୍ୟକ୍ତିଙ୍କୁ ଦାମୀ ପୋଷାକ ଭଲ ଲାଗିଥାଏ।

ତୁଳା: କୁହାଯାଏ କି ଏହି ରାଶିର ବ୍ୟକ୍ତି ଷ୍ଟାଇଲିସ୍ ପୋଷାକ ପିନ୍ଧିଥାନ୍ତି ଏବଂ ନୂଆ ପୋଷାକକୁ ନେଇ ସର୍ବଦା ଅପ୍‌ଡେଟ୍ ରହିଥାନ୍ତି।

ବିଛା: ଏହି ରାଶିର ବ୍ୟକ୍ତି କେବେ ଭଲ ପୋଷାକ ପିନ୍ଧନ୍ତି ତ' କେବେ ଖରାପ ପୋଷାକ ପିନ୍ଧିଥାନ୍ତି।

ଧନୁ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦକୁ ସହଜରେ ନେଇଥାନ୍ତି ଏବଂ ସାଧାରଣ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାନ୍ତି।

ମକର:ଏହି ରାଶିର ବ୍ୟକ୍ତି ୩୦ ବର୍ଷ ପର୍ଯ୍ୟନ୍ତ ପୋଷାକର ରୁଚିକୁ ନେଇ ସଚେତନ ନଥାନ୍ତି। କିନ୍ତୁ ୩୦ ବର୍ଷ ପରେ ଏମାନେ ପୋଷାକ ପସନ୍ଦକୁ ଗଭୀର ଭାବରେ ଗ୍ରହଣ କରିଥାନ୍ତି।

କୁମ୍ଭ: କୁମ୍ଭ ରାଶିର ବ୍ୟକ୍ତିଙ୍କୁ ଗୋଟିଏ ଡ୍ରେସ୍ କିମ୍ବା ଶାଢ଼ି ବାରମ୍ବାର ପିନ୍ଧିବା ପସନ୍ଦ ହୋଇଥାଏ। ଏମାନଙ୍କ ଏପରି ଆଚରଣ ପାଇଁ ଅନ୍ୟ ଲୋକ ସମସ୍ୟାରେ ପଡ଼ିଥାନ୍ତି।

ମୀନ: ଏହି ରାଶିର ବ୍ୟକ୍ତି ପୋଷାକ ପସନ୍ଦ କରି ପିନ୍ଧିବାକୁ ଗୁରୁତ୍ୱ ଦେଇଥାନ୍ତି। ଅଥବା ନୂଆ ନୂଆ କଲେକ୍‌ସନ୍ ନିଜ ପାଖରେ ରଖିଥାନ୍ତି।

## ଘରେ ପ୍ରସ୍ତୁତ କରନ୍ତୁ ଖୁଆ ଚକୁଳି



**ଆବଶ୍ୟକ ସାମଗ୍ରୀ:**

ସୁଜି, ମଇଦା ଓ ଚାଉଳ, କ୍ଷୀର, ଖୁଆ, ଚିନି, ମିଲ୍କମେଡ, କାଜୁ ବାଦାମ ଖଣ୍ଡ ଓ ଚେରି, ରିଫାଇନ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ସୁଜି, ମଇଦା ଓ ଚାଉଳ ଚୂନାକୁ ମିଶାଇ ଏକ ଆଣ ପ୍ରସ୍ତୁତ କରି ରଖନ୍ତୁ। କ୍ଷୀରକୁ ଫୁଟାଇ ବହଳିଆ କରି ସେଥିରେ ଖୁଆ ଓ ଚିନି ପକାଇ ଏକ ପୁର ପ୍ରସ୍ତୁତ କରନ୍ତୁ।

ଚୁଲା ଲଗାଇ ଏକ କରେଇରେ କ୍ଷୀରକୁ ଗରମ କରି ଫୁଟାନ୍ତୁ। କ୍ଷୀର ଫୁଟିବା ପରେ ଚିନି ଓ ମିଲ୍କମେଡ ପକାଇ ଭଲ ଭାବେ ଫୁଟାନ୍ତୁ। ଏକ ବହଳ ରସ ହେବା ପରେ କରେଇକୁ ଚୁଲିରୁ ଓହ୍ଲାଇ ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ପ୍ରସ୍ତୁତ ଆଣ ଦେଇ ତା' ଉପରେ କ୍ଷୀର ଓ ଖୁଆର ପୁରକୁ ଦେଇ ପିଠାକୁ ଗଢ଼ନ୍ତୁ। ଏହାପରେ କରେଇରେ ଥିବା କ୍ଷୀର ଓ ମିଲ୍କମେଡର ବହଳ ରସରେ ଗଢ଼ା ଯାଇଥିବା ଚକୁଳି ପିଠାକୁ ପକାନ୍ତୁ। ଶେଷରେ କାଜୁ ବାଦାମ ଖଣ୍ଡ ଓ ଚେରିକୁ ପକାଇ ସଜାଇ ପରଷନ୍ତୁ।

## ଅଦ୍ଭୁତ ନମନୀୟତା: ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି ମହିଳା

ଇଲଣ୍ଡର ଲେଲାନି ଫ୍ରାଙ୍କୋଙ୍କ ଶରୀର ଆଶ୍ଚର୍ଯ୍ୟଜନକ ଭାବେ ନମନୀୟ। ସେ ଛୋଟିଏ ସୁଟ୍‌କେସ୍‌ରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଭର୍ତ୍ତିକରିପାରନ୍ତି। ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି; ସିଗାରେଟ୍ ପିଇପାରନ୍ତି। ଏ ଭଳି ଶରୀର ପାଇବା ପାଇଁ ସେ କୌଣସି ପ୍ରକାରର ସ୍ୱତନ୍ତ୍ର ତାଲିମ ନେଇ ନ ଥିବା ପ୍ରକାଶ। ପାଦ ଅଙ୍ଗୁଳିରେ ବ୍ରସ୍ ଧରି ଦାନ୍ତ ସଫାକରିହେବନାହିଁ କି ନାହିଁ, ପିଲାଦିନେ ମୁଣ୍ଡରେ ପଶିଥିଲା। ନିୟମିତ ଅଭ୍ୟାସ ଦ୍ୱାରା ସିଦ୍ଧି ହାସଲ କରିଥିଲେ। ଏ ଭଳି କରୁଥିବା ବେଳେ ସେ ଆଜି ଯାଏ ଥରେ ହେଲେ ଆହତ ହୋଇନାହାନ୍ତି।



## ଶରୀର ଘୋଳାବିନ୍ଧା ହେଉଛି କି ?

### ବିନା ଔଷଧରେ ଏପରି ପାଆନ୍ତୁ ଉପଶମ

ଆଜିକାଲି ବ୍ୟସ୍ତ ବହୁଳ ଜୀବନଶୈଳୀ ହେତୁ ଶରୀର ଘୋଳାବିନ୍ଧା ହେବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। କେବଳ ବୟସ୍କ ନୁହଁନ୍ତି, ଅଳ୍ପ ବୟସର ପିଲାଙ୍କ ଭିତରେ ବି ଏହି ସମସ୍ୟା ଦେଖା ଦେଲାଣି। ଏହା କୌଣସି ପ୍ରକାରର ରୋଗ ନୁହେଁ। ତେଣୁ, ଆୟତ୍ତ ବାହାରର ଯନ୍ତ୍ରଣା ନହେଲେ ଔଷଧଠାରୁ ନିଜ ଶରୀରକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ତେବେ ଚାଲନ୍ତୁ ଜାଣିବା ବିନା ଔଷଧ ଖାଇ କିପରି ଭାବେ ଦେହ ଘୋଳାବିନ୍ଧାକୁ ଦୂରେଇ ହେବ।



♦ ନିଜର ଦେହର ପୀଡ଼ା ମାରିବା ପାଇଁ ନାଲି ଚା' ଅବ୍ୟର୍ଥ ଔଷଧ ପରି କାମ କରେ। ଆପଣ ସେହି ନାଲି ଚା'ରେ ଗୋଲମରିଚ ଓ ଅଦା ପକାଇ ପିଅନ୍ତୁ। ଦେଖିବେ ଆପଣ ଏହାକୁ ପିଇବା ପରେ ଆପଣଙ୍କ ଶରୀରର ପୀଡ଼ା କୁଆଡ଼େ ଦୂରେଇ ଯିବ।

♦ ଆପଣ ଷ୍ଟିମ୍ ନେଇ କରି ମଧ୍ୟ ନିଜ ଶରୀରର ପୀଡ଼ା ଦୂର କରିପାରିବେ। ଗରମ ପାଣି କରି ସେଥିରେ କିଛି ମେଥୋ ବାମ୍ ମିଶ୍ରଣ କରନ୍ତୁ। ସେହି ମେଥୋ ବାମ୍ ପଡ଼ିଥିବା ଗରମ ପାଣି ସାମ୍ନାରେ ମୁହଁ ରଖି ଜୋର ଜୋର ନିଶ୍ୱାସ ନିଅନ୍ତୁ। ଏହା ଦ୍ୱାରା ଆପଣଙ୍କୁ ଉପଶମ ମିଳିବ।

## ଖାଇଲା ବେଳେ ଏସବୁ ପ୍ରତି ଧ୍ୟାନ ଦିଅନ୍ତୁ, ନହେଲେ...

ପୂଜାପାଠରେ ଯେମିତି ଅନେକ ନୀତି, ନିୟମ ରହିଛି, ଭୋଜନକୁ ନେଇ ମଧ୍ୟ ସେମିତି କିଛି ନିୟମ ରହିଛି।

ଆପଣ ଦେଖିଥିବେ କିଛି ଲୋକ ଭୋଜନ କରିବା ପୂର୍ବରୁ ଭଗବାନଙ୍କୁ ସ୍ମରଣ କରନ୍ତି। ଆଉ କେହି କେହି ପ୍ରଥମେ ଅଳ୍ପ ଟିକେ ଖାଦ୍ୟ ଭୂମି ବା ଟେବୁଲ୍‌ରେ ରଖି ଦିଅନ୍ତି ଓ ଭଗବାନଙ୍କୁ ସ୍ମରଣ କରି ଖାଇବା ଆରମ୍ଭ କରନ୍ତି।

ଶାସ୍ତ୍ରବିତ୍‌ଙ୍କ କହିବା ଅନୁଯାୟୀ, ଭୋଜନ କରିବା ପୂର୍ବରୁ ଠାକୁରଙ୍କୁ ସ୍ମରଣ କରନ୍ତୁ। ଏଥିସହ ଖାଇବା ସମୟରେ କେବେ ବାମ ହାତକୁ ପାଦରେ ରଖନ୍ତୁ ନାହିଁ।

ସେହିପରି ଭୋଜନ ସମୟରେ ମୁଣ୍ଡରେ ଲୁଗା, ଗାମୁଛା ଏବଂ ଟୋପି ଦେଇ ଖାଆନ୍ତୁ ନାହିଁ। ଏହାଦ୍ୱାରା ଅମଙ୍ଗଳ ହୋଇଥାଏ।



## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !



ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ। ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ। କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ୍ୟ କୁହାଯାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ। ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ। ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା।

ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ।

କାଜୁ ଏକ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ। ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଆପଣ ମୋଟାପଣର ଶିକାର ହୋଇପାରନ୍ତି। ତେଣୁ କାଜୁକୁ ଅତି ସୀମିତ ପରିମାଣରେ ଖାଇବା ଉଚିତ। ପ୍ରାୟ ୩୦ ଗ୍ରାମ କାଜୁରେ ୧୬୩ କ୍ୟାଲୋରୀ ଏବଂ ୧୩.୧ ଚର୍ବି ଥାଏ । ଯଦି ଆପଣ ନିୟମିତ କିମ୍ବା ଅଧିକ ପରିମାଣରେ କାଜୁ ଖାଉଛନ୍ତି ତେବେ ଆପଣଙ୍କର ଓଜନ ହ୍ରାସ କରିବା ଲକ୍ଷ୍ୟ କେବେ ବି ପୂରଣ ହୋଇପାରିବ ନାହିଁ। ଅଧିକ ପରିମାଣରେ କାଜୁ ଖାଇବା ଦ୍ୱାରା ଧୀରେ ଧୀରେ ଶରୀରରେ ଔଷଧ ମଧ୍ୟ କାମ କରେ ନାହିଁ। ୩ ରୁ ୪ଟି କାଜୁରେ ୮୨.୫mg ମ୍ୟାଗ୍ନେସିୟମ୍ ଥାଏ । ଏହି ମ୍ୟାଗ୍ନେସିୟମ୍ ଆପଣ ଖାଉଥିବା ଡାଇବେଟିସ୍, ଥାଇରଏଡ୍, ମୂତ୍ର ସମ୍ବନ୍ଧୀୟ ଏବଂ ଆର୍ଥ୍ରାଇଟିସ୍ ଔଷଧ ଉପରେ ପ୍ରଭାବ ପକାଇଥାଏ।

## ଘରସଜ୍ଜାରେ ଚଢ଼େଇ



ସାଧାରଣତଃ ବାର୍ଡହାଉସ୍ କେତେକାଂଶରେ ଘର ଆଗରେ ଝୁଲୁଥିବା ଡାକବାକ୍ସ ଭଳି ଦେଖିବାକୁ ହୋଇଥାଏ । ତେବେ ଏହା କାଠରେ ତିଆରି ହୋଇଥିବାବେଳେ ଆଗପଟେ ବେଶ୍ ବଡ଼ କରି ଗେଲାକାର ଗର୍ତ୍ତ ଥାଏ । ଯାହା ମଧ୍ୟରେ ଛୋଟ ପକ୍ଷୀ ସହଜରେ ପ୍ରବେଶ କରିପାରିବେ । ଯଦି ଆପଣ ବି ଏମିତି ଚଢ଼େଇବସା ଘରେ ରଖିବାକୁ ଚାହାନ୍ତି ତବେ ତାହାକୁ ଆହୁରି ରଙ୍ଗୀନ କରିଦିଅନ୍ତୁ । ଅତିଥିଙ୍କ ନଜର ପ୍ରଥମେ ରଙ୍ଗୀନ ବର୍ଡହାଉସ ଉପରେ ପଡ଼ିବ ।

ନଡ଼ିଆ ଚଢ଼େଇରୁ ବି ତିଆରି କରିପାରିବେ ବାର୍ଡହାଉସ । ତେବେ ଏ କ୍ଷେତ୍ରରେ ନଡ଼ିଆକୁ ପୂରା ଦୁଇ ଫାଳ କରିବା ପରିବର୍ତ୍ତେ ଛୋଟ ଗୋଲ କରି କାଟି ତା ମଧ୍ୟରୁ ଶସ ଓ ପାଣି ବାହାର କରି ଶୁଖିଆ ଦେବେ। ସେଥିରେ ମନ ପସନ୍ଦର ରଙ୍ଗ ଭରି ବଗିଚା କିମ୍ବା ଟେରାସ୍‌ରେ ଝୁଲାଇ ଦେବେ ।

ଶସ୍ତା ପ୍ଲାଏଉଡ୍‌ରେ ବି ମନ ପସନ୍ଦର ବାର୍ଡହାଉସ ତିଆରି କରିପାରିବେ । ଇଣ୍ଟରନେଟ୍ ବା କୌଣସି ଲାଇଫଷ୍ଟାଇଲ ମ୍ୟାଗାଜିନରୁ ଏଭଳି ବାର୍ହହାଉସ ପାଇଁ ମନପସନ୍ଦର ଡିଜାଇନ ବାଛିପାରିବେ ।

ଆଜିକାଲି ଅନଲାଇନ୍ ସପିଙ୍ଗ ସାଇଟ୍‌ରେ ଖୁବ ସୁନ୍ଦର ଡିଜାଇନ୍ର ବାର୍ହହାଉସ ଉପଲବ୍ଧ। କେଉଁଟା ବଗିଚା ପାଇଁ ତ କେଉଁଟା ଟେରାସ ପାଇଁ । ପୁଣି ଇନଡୋର ବାର୍ଡ ହାଉସ ବି ବଜାରରେ ମିଳୁଛି । ପକ୍ଷୀ ଆସନ୍ତୁ ବା ନ ଆସନ୍ତୁ, ଆପଣ ଘରର ଡେକୋରେସନ୍ ପାଇଁ ବାର୍ଡହାଉସ୍ ରଖନ୍ତୁ ।



## ଭିଟାମିନ୍ ଡି କମ୍ ହେଲେ...

ଭିଟାମିନ ଡି କମ୍ ହେଲେ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଏହାର ସ୍ତର କମିଗଲେ ବ୍ଲାଡ଼ର କ୍ୟାନସର ହେବାର ବହୁ ସମ୍ଭାବନା ରହିଛି। ଗବେଷଣା ଅନୁସାରେ ସୂର୍ଯ୍ୟ କିରଣ ମାଧ୍ୟମରେ ଶରୀରରେ ଭିଟାମିନ ଡି ପହଂଚିଥାଏ। ଏହାର ସବୁଠୁ ବଡ଼ ସ୍ରୋତ ମାଛ ଏବଂ ଅଣ୍ଡାରେ ବି ରହିଛି। ଏହି ଭିଟାମିନ ଦ୍ୱାରା ଶରୀରକୁ କ୍ୟାଲସିୟମ ଏବଂ ଫସଫରସର ସ୍ତରକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିଥାଏ। ପୂର୍ବରୁ କରାଯାଇଥିବା ଗବେଷଣାରେ କୁହାଯାଇଥିଲା ଯେ ଭିଟାମିନ ଡି କମ୍ ହେବାଯୋଗୁଁ ହୃଦରୋଗ ସ୍ମୃତିଶକ୍ତି ସମ୍ବନ୍ଧୀୟ ପ୍ରୋବ୍ଲେମ ଏବଂ କ୍ୟାନସର ଭଳି ଅସୁବିଧାର କାରଣ ସୃଷ୍ଟି ହୋଇପାରେ। ତେବେ ନିକଟରେ କରାଯାଇଥିବା ଗବେଷଣା ମୁତାବକ ବ୍ଲାଡ଼ରର କୋଷ ଗୁଡ଼ିକ ଭିଟାମିନ ଡି. କୁ ସକ୍ରିୟ କରିବାର କାମ କରିଥାଏ। ଏହା ବଦଳେଇ ପ୍ରତିରକ୍ଷା ମଧ୍ୟ ବଢ଼ି ଯାଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯେ ପ୍ରତିରକ୍ଷା ପ୍ରଣାଳୀ କ୍ୟାନସରକୁ ଅଟକାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।





## ୧୯୫ ବର୍ଷ ତଳର ରେନ-କୋଟ୍

ବର୍ଷା ହେଲେ ଛତା ଓ ରେନ-କୋଟ ପ୍ରମୁଖ ଆବଶ୍ୟକତା ପାଲଟିଯାଏ । ଆଜିକାଲି ବିଭିନ୍ନ ବୟସ ଓ ବର୍ଗର ଲୋକ ରେନ - କୋଟ ପିନ୍ଧିବାକୁ ଉଚିତ ମଣୁଛନ୍ତି । ତେବେ ଏଇ ରେନ-କୋଟ ତିଆରି ସର୍ବପ୍ରଥମେ ଆଜିକୁ ୧୯୫ ବର୍ଷ ତଳେ ହୋଇଥିଲା । ୧୮୨୩ ଅକ୍ଟୋବର ୧୨ରେ ବି୍ୱର ପ୍ରଥମ ରେନ-କୋଟ ତିଆରି ହୋଇଥିଲା । ସ୍କଟଲାଣ୍ଡର ଜନୈକ ବିଶେଷଜ୍ଞ ଚାର୍ଲସ ମ୍ୟାକିନଟୋସ 'ତାପୁଲିନ' ଫ୍ୟାବ୍ରିକରେ ଏଇ ରେନକୋଟ ତିଆରି କରିଥିଲେ । ଗତ କିଛି ବର୍ଷ ମଧ୍ୟରେ ବି୍ୱର ନାମୀ କମ୍ପାନୀଗୁଡ଼ିକ ବିଭିନ୍ନ ଡିଜାଇନର ରେକୋଟ ତିଆରି କରି ବଜାର ପ୍ରବେଶ କରାଇଛନ୍ତି ।

# ମଣ୍ଡିର ଅବ୍ୟବସ୍ଥା ନେଇ ବିଜେପିର ରଣହୁଙ୍କାର

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ରାଜ୍ୟରେ ମଣ୍ଡି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବ ରାଜ୍ୟ ବିଜେପି । ବିଜେପି ତରଫରୁ ଆସନ୍ତା ୨୧ତାରିଖ ଦିନ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ ରୁ ୨୮ତାରିଖ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ବିଭିନ୍ନ ଅଂଚଳ ମଣ୍ଡି ପରିଦର୍ଶନ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ନ୍ୟାଯର୍ଯ ହକ୍ ଏବଂ ଧାର୍ଯ୍ୟ ଦର ନପାଇ ଚାଷୀମାନେ ଅମଳ ପରେ ଶସ୍ୟକୁ ରାସ୍ତାରେ ରଖି ଆନ୍ଦୋଳନ କରୁଛନ୍ତି । ଟୋକନ୍, କଟନୀ-ଛଟନୀ, ସୁତୁଲି-ଅଖା, ଦଲାଲୀରାଜ୍ ଆଦି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଚାଷୀଟି ନିରୁପାୟ ହୋଇ ଆର୍ଥିକ ଶୋଷଣର ଶିକାର ହେଉଛି । ନିଜ ନୈତିକ ଦାୟୀତ୍ୱ ନତୁଲାଇ ରାଜ୍ୟ ସରକାର ମିଲରଙ୍କ ପାଖରେ ବନ୍ଧା ପଡିଛନ୍ତି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ରାଜ୍ୟ ସରକାର ୧୫ଦିନ ବିଳମ୍ବରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଲେ । ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା ଲାଗି ତରବରିଆ ଭାବେ ବରଗଡ ଜିଲ୍ଲାରେ ମଣ୍ଡି ଖୋଲି ରାଜନୈତିକ ଚାଲ୍ ଖେଳିଥିଲେ । ଉପକୂଳ ଓଡ଼ିଶାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲା ଯାଇନାହିଁ । ଡିସେମ୍ବର ୧ରେ ମଣ୍ଡି ଖୋଲିବା କଥା କିନ୍ତୁ ଏଯାଏଁ ଖୋଲିନାହିଁ । ଧାନ କିଣି ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ । ମଣ୍ଡି ଖୋଲିବା ବିଳମ୍ବ ହେବାରୁ ପଶ୍ଚିମ ଓଡ଼ିଶା ଚାଷୀ ଛତିଶଗଡ ଓ ଉପକୂଳ ଓଡ଼ିଶା ଚାଷୀ ଆନ୍ଧ୍ରପ୍ରଦେଶକୁ ବାଧ ହୋଇ କ୍ୱିଂଟାଲ ପ୍ରତି ମାତ୍ର ୧୨୫୦ଟଙ୍କାରେ ବିକ୍ରି କରୁଛନ୍ତି । ବିଳମ୍ବ କରି ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରିବାକୁ ଚାଷୀଙ୍କୁ ବାଧ କରୁଛନ୍ତି ରାଜ୍ୟ ସରକାର । କୃଷକ ରେଜିଷ୍ଟ୍ରେସନର ଅନିୟମିତତା ବନ୍ଦ କରାଯାଉ । ଟୋକନ ନାଁରେ ସରକାରୀ ପ୍ରୟୋଜିତ ଭ୍ରଷ୍ଟାଚାର ଓ ଚାଷୀମାରଣ ଯୋଜନା ବନ୍ଦ କରାଯାଉ । ସର୍ବୋଚ୍ଚ ସୀମାକୁ ୬୦ କ୍ୱିଂଟାଲରେ ସିଲିଂ କରାଯାଉ । କଟନୀ-ଛଟନୀକୁ ବେଆଇନ ଘୋଷଣା କରାଯାଉ । ଧାନ କ୍ୱିଂଟାଲ ପ୍ରତି ୨୦୪୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟକୁ ସୁନିଶ୍ଚିତ କରାଯାଉ । ଏମ୍‌ଏସପି ପାଇଁ ପ୍ରତି ଜିଲ୍ଲାରେ ଓ ବ୍ଲକରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ଏବଂ ଚାଷୀଙ୍କୁ ଏମଏସପି ପାଇବାରେ ଅବହେଳା କରୁଥିବା ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ । ଅଣଜଳସେଚିତ ଜମିରେ ଏକର ପ୍ରତି ୨୨ କ୍ୱିଂଟାଲ ଓ ଜଳସେଚନ ଜମିରେ ଏକର ପ୍ରତି ୨୮କ୍ୱିଂଟାଲ ଧାନ ସଂଗ୍ରହର ଲିମିଟ୍ କରାଯାଉ । ବସ୍ତା ଓ ସୁତୁଲୀର ପଇସା ଚାଷୀଙ୍କୁ ଦିଆଯାଉ । ମିଲରପ୍ରୀତିକୁ ରାଜ୍ୟ ସରକାର ବନ୍ଦ କରନ୍ତୁ । ବରଗଡଠାରେ ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କ୍ୱିଂଟାଲ ପିଛା ୧୦୦ ଟଙ୍କା ବୋନସ ତୁରନ୍ତ ଚଳିତ ସିଜନ୍‌ରୁ ଚାଷୀଙ୍କୁ ଦିଆଯାଉ ବୋଲି ଦଳ ଦାବି କରିଛି ।

ସେହିପରି ସେଂଟ୍ରାଲ ଟୋକନ ବ୍ୟବସ୍ଥାର ବ୍ୟାପକ ଚଂଚକତା କରାଯାଉଛି । ବଲାଙ୍ଗିର ଜିଲ୍ଲାର ଜଣେ ଚାଷୀଙ୍କ ପାଖକୁ ମାତ୍ର ୦.୦୦୧ ଏକର ଜମି ପଂଜୀକୃତ ହୋଇଥିବାର ସୁଚନା ଯାଇଛି ଏବଂ ଏହି ସୂଚନା ଆଧାରରେ ଚାଷୀ ଜଣକ ମାତ୍ର ୧.୩୦୦ କେଜି ଧାନ ବିକ୍ରି କରିପାରିବ ଯାହାର ମୂଲ୍ୟ ମାତ୍ର ୨୬.୫୨ ଟଙ୍କା ଅଟେ । ଏ ସଂପର୍କରେ ଚାଷୀଜଣକ ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କୁ ଜଣାଅ ବୋଲି କହିଥିଲେ ।

ଗୋଟିଏ ଚାଷୀ ୬୦କ୍ୱିଂଟାଲରୁ ଅଧିକ ଧାନ ବିକ୍ରି କରିପାରିବ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତାହେଲେ ଅଧିକ ଅମଳ କରୁଥିବା ଚାଷୀମାନେ କଣ କରିବେ ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଦାବୀ କରି ବିଜେପି ତରଫରୁ ଆସନ୍ତା ୨୧ତାରିଖ ଦିନ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ ରୁ ୨୮ତାରିଖ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ବିଭିନ୍ନ ଅଂଚଳ ମଣ୍ଡି ପରିଦର୍ଶନ କରିବେ । ରାଜ୍ୟ ସରକାର ଚାଷୀକୁଳ ହିତ ପାଇଁ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ ନକରିଲେ ପରବର୍ତ୍ତୀ ପଦକ୍ଷପେ ସ୍ୱରୁପ ବଡ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ପ୍ରତିବର୍ଷ 'ରିକଣ୍ଟିଂ ରୋଗ' ଭଳି ମଣ୍ଡିର ଅବ୍ୟବସ୍ଥା ଓଡ଼ିଶା ପ୍ରଦେଶରେ ବ୍ୟାପକ ଭାବେ ବଢିଚାଲିଛି । ଓଡ଼ିଶାରେ ଚାଷୀର କଷ୍ଟ ବର୍ଣ୍ଣନା କରିବା ଅସମ୍ଭବ । ଯଦି ଓଡ଼ିଶାରେ କେହି ଅବହେଳିତ ହେଉଛନ୍ତି ସେ ହେଉଛି ଚାଷୀ । ରାଜ୍ୟ ସରକାର ବଧିର ପାଲଟି ଯାଇଛନ୍ତି । ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ୧% ସମବେଦନା ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଏହି ଅବସରରେ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ପୂର୍ବତନ ରାଜ୍ୟ କୃଷକ ମେର୍ଚ୍ଚା ରାଜ୍ୟ ସଭାପତି ତଥା ବଲାଙ୍ଗୀର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦ ବୈଠକ

ବଲାଙ୍ଗିର, ୨୦/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଦଳିତ ଅନୁଷ୍ଠାନ ଜିଲ୍ଲା ଦଳିତ ବିକାଶ ମଂଚ ର ସହଯୋଗରେ ବଲାଙ୍ଗିର ତାଲପାଲିପଡ ଠାରେ ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦ ର ରାଜ୍ୟସ୍ତରୀୟ ଚତୁର୍ଥ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ସତ୍ୟାନନ୍ଦ ସୁନା ଓ ମଂଚ ପରିଚାଳନା କରିଥିଲେ ଡଃ. ଅର୍ଜୁନ ମୁଗ୍ରୀ । ମୁଖ୍ୟ ଅତିଥି ଭାବେ ବାଳକୃଷ୍ଣ ନାଗ, ସମ୍ମାନିତ ଅତିଥି ବିନୋଦ ପାତ୍ର, ବିମ୍ବାଧର ବାଗ, ଦିଗସନ ନନ୍ଦ ଓ ନଟରାଜ ନାଗ ଯୋଗଦେଇ ଡଃ. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦିପ ପ୍ରଜ୍ୱଳନ କରିଥିଲେ । ସଭା ପ୍ରାରମ୍ଭରେ ଦିବଂଗତ ଦଳିତ ନେତା ମୋହନ ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଓଡିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରମୁଖ ସାମାଜିକ କର୍ମୀ ଯୋଗଦେଇ ଆମ ଓଡିଶା ପ୍ରଦେଶର ଅନୁସୂଚିତ ଜାତି ଅନ୍ତର୍ଭୁକ୍ତ ସମସ୍ତ ଅସ୍ପୃଶ୍ୟ ଜାତି ଯଥା ଗଣ୍ଡା, ଡମ୍ବ, ପାଣ, ହାଡି, ଘାସି, ଚମାର ଆଦି ଜାତିର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବକ୍ତାମାନେ ନିଜ ନିଜ ମତରେ କହିଥିଲେ ଯେ, କିଛି ଅଣ ଅସ୍ପୃଶ୍ୟ ଜାତିର ଲୋକେ ଚକ୍ରାନ୍ତ କରି ତଫସିଲଭୁକ୍ତ ଜାତି ଆଧାରରେ ଆମର ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧାର ସିଂହଭାଗ ଛଡାଇ ନେଉଥିବାରୁ ଆମର ପ୍ରକୃତି ଅସ୍ପୃଶ୍ୟ ସମାଜ ଆଜି ହନ୍ତସନ୍ତ ହେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଏସବୁ ସମସ୍ୟାର ସକ୍ରୀୟ ମୁକାବିଲା ନିମନ୍ତେ ଆଗାମୀ ନୂଆବର୍ଷ ପ୍ରାରମ୍ଭରୁ ଏକ ସାମ୍ବିଧାନିକ ଯୋଜନା ମାଧମରେ ଉଭୟ ନ୍ୟାୟିକ ଏବଂ ସଂସଦୀୟ ସ୍ତରରେ ଲଢେଇ କରିବା ପାଇଁ ସ୍ଥିର କରାଗଲା । ଉକ୍ତ କାର୍ଯ୍ୟକ୍ରମର ଚିନ୍ତନ କରାଯାଇ ଓଡିଶା ତଫସିଲଭୁକ୍ତ ଜାତି ତାଲିକାରୁ କେଉଟ, ଧୀବର, କୈବର୍ତ୍ତ ହଟାଓ ଅଭିଯାନ ଆଗାମୀ ଜାନୁୟାରୀ ୨୦୨୩ ରୁ ସାରା ଓଡିଶାର କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର ହୋଇଥିଲା ଏବଂ ଏହାର ସଫଳ ରୁପାୟନ ସକାଶେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଦସ୍ୟମାନଙ୍କ ସର୍ବସମ୍ମତି କ୍ରମେ ଏକ ରାଜ୍ୟସ୍ତରୀୟ କୋର କମିଟି ଗଠନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳିରେ ବାଳକୃଷ୍ଣ ନାଗ, ବିନୋଦ ପାତ୍ର, ବିମ୍ବାଧର ବାଗ, ଦିଗସନ ନନ୍ଦ, ସତ୍ୟାନନ୍ଦ ସୁନା, ନଟରାଜ ନାଗ, ଧନେଶ୍ୱର ନାଗ, ରାଜ୍ୟ ସମନ୍ୱୟକାରୀରେ ସୁଦର୍ଶନ ତାଣ୍ଡି, ଲକ୍ଷ୍ମଣ ଭରାସାଗର, ନାରାୟଣ ଭେସ୍ରା, ଟିକେଲାଲ କୁମ୍ଭାର, ଭୁବନ ନାଗ, ରାଜ୍ୟ ସଭାପତି ଚୈତନ୍ୟ ପାଇକ, ସାଧାରଣ ସଂପାଦକ ଡଃ ଅର୍ଜୁନ ମୁଗ୍ରୀ, କୋଷାଧ୍ୟକ୍ଷ ସୁଧାଂଶୁ ଡାଙ୍ଗ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦ୍ରୋଣ କୁମ୍ଭାର, ପବିତ୍ର ନାଗ, ଦିଲିପ ସିଂ, ରତ୍ନାକର ବେହେରା, ସୁରେଶ ମହାନନ୍ଦ, ଧର୍ମରାଜ ବିଭାଗ, ବାସୁଦେବ ମୁଗ୍ରୀ, ଫକିର ଜାଗତ, ଲକ୍ଷ୍ମି ରଂଜନ ପାଲ, ଅନାମୁ ନାୟକ । ଅନ୍ୟାନ୍ୟ ପଦବି ଗୁଡିକୁ ଭିନ୍ନ ଭିନ୍ନ ଜିଲ୍ଲାର ସଦସ୍ୟମାନଙ୍କୁ ନେଇ ପୁରଣ କରିବା ସହିତ କ୍ରମାଗତ ଭାବେ ସମଗ୍ର ୩୦ଟି ଜିଲାକୁ ଏହି କାର୍ଯକ୍ରମ ତ୍ୱରାନ୍ୱିତ କରାଯାଇ ଉକ୍ତ ଲଢେଇକୁ ତୀବ୍ର କରିବା ପାଇଁ ସ୍ଥିର କରାଯାଇଥିଲା ।

# ଆଠ ଯୋଡ଼ା ଗୁରୁତ୍ୱପୂର୍ଣ୍ଣ ଟ୍ରେନରେ ବଢ଼ିବ କୋଚ୍ ସଂଖ୍ୟା

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ସାଧାରଣ ଜନତା, ବିଶେଷକରି ଦୈନିକ ଯାତ୍ରୀଙ୍କ ସୁବିଧା ପାଇଁ ଏବଂ ଯାତ୍ରୀଙ୍କ ଆକାଂକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଗୁରୁତ୍ୱପୂର୍ଣ୍ଣ ଟ୍ରେନ ମାନଙ୍କରେ ଅଧିକ କୋଚ୍ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଛି । ଯାତ୍ରୀ ପ୍ରୋଫାଇଲ୍ ପରିଚାଳନାକୁ ସମୀକ୍ଷା କରି ଦେଖାଯାଏ ଯେ, ଉପରୋକ୍ତ ଟ୍ରେନ୍ ଅତିରିକ୍ତ ଯାତ୍ରୀଙ୍କ ସହିତ ଚଳାଚଳ କରୁଛି । ଏହାକୁ ଦୃଷ୍ଟିରେ ରଖି ପୁରୀ, ଭୁବନେଶ୍ୱର ଏବଂ ସମ୍ବଲପୁରରୁ ଛାଡୁଥିବା ୮ ଯୋଡା ଟ୍ରେନରେ ଅଧିକ କୋଚ୍ ଯୋଡିବାକୁ ନିଷ୍ପତି ନିଆଯାଇଛି ।

ସମ୍ବଲପୁରରୁ ଛାଡୁଥିବା ୧୮୩୧୧/୧୮୩୧୨ ସମ୍ବଲପୁର-ବନାରସ-ସମ୍ବଲପୁର ଏକ୍ସପ୍ରେସ ୧ ଜାନୁଆରୀ, ୨୦୨୩ଠାରୁ ଏବଂ ବନାରସରୁ ୨ ଜାନୁୟାରୀ ଠାରୁ ଗୋଟିଏ ଅତିରିକ୍ତ ଏସି -୩ ଟାୟାର ଏବଂ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ । ୨୨୮୦୪/୨୨୮୦୩ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ ୬ ଜାନୁଆରୀ ଠାରୁ ସମ୍ବଲପୁରରୁ ଏବଂ ୭ ଜାନୁଆରୀ ଠାରୁ ଶାଳିମାରରୁ ପ୍ରତ୍ୟେକ ଗୋଟିଏ କରି ଅତିରିକ୍ତ ଏସି -୩ ଟାୟାର ଏବଂ ଗୋଟିଏ ସ୍ଲିପର କ୍ଲାସ୍ କୋଚ୍ ସହିତ ବୃଦ୍ଧି କରାଯିବ । ଫଳରେ ଉଭୟ ଟ୍ରେନ୍ ରେ କୋଚ୍ ସଂଖ୍ୟା ୧୯ରୁ ୨୧ କୁ ବୃଦ୍ଧି ପାଇବ । ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୧୨୮୯୨/୧୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ ଭୁବନେଶ୍ୱରରୁ ୧୫ ଡିସେମ୍ବର ଠାରୁ ଏବଂ ବାଙ୍ଗିରିପୋସିରୁ ୧୬ ଡିସେମ୍ବର ଠାରୁ ଗୋଟିଏ ଅତିରିକ୍ତ ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ସଂରକ୍ଷିତ କୋଚ୍ ସହିତ ଚଳାଚଳ କରିବ । ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଂଟର ସିଟି ଏକ୍ସପ୍ରେସରେ ଉଭୟ ଦିଗରୁ ୧୫ ଡିସେମ୍ବର ଠାରୁ ସ୍ଥାୟୀ ଭିତିରେ ତିନିଟି ଅତିରିକ୍ତ ଦ୍ୱିତୀୟ ଶ୍ରେଣୀ ସିଟିଂ କୋଚ୍ ସଂଯୋଗ କରାଯିବ । ଅତିରିକ୍ତ କୋଚ୍ ସଂଯୋଗ ପରେ ଉଭୟ ଟ୍ରେନ୍ ରେ କୋଚ୍ ସଂଖ୍ୟା ୧୫ କୁ ବୃଦ୍ଧି ପାଇବ । ଏହା ବ୍ୟତୀତ ୧୨୮୦୧/୧୨୮୦୨ ପୁରୀ-ନୂଆଦିଲ୍ଲୀ-ପୁରୀ ପୁରୁଷୋତମ ଏକ୍ସପ୍ରେସ ପୁରୀରୁ ୨୬ ଡିସେମ୍ବର ଠାରୁ ଏବଂ ନୂଆଦିଲ୍ଲୀରୁ ୨୮ ଡିସେମ୍ବର ଠାରୁ ଗୋଟିଏ ଅତିରିକ୍ତ ଏସି-୨ ଟାୟାର୍ କୋଚ୍ ସଂଯୋଗ କରାଯିବ । ଏହି ଟ୍ରେନ୍ ର କୋଚ୍ ସଂଖ୍ୟା ୨୧ କୁ ବୃଦ୍ଧି ପାଇବ । ୧୨୮୧୫/୧୨୮୧୬ ପୁରୀ-ଆନନ୍ଦ ବିହାର (ନୂଆଦିଲ୍ଲୀ) - ପୁରୀ ନନ୍ଦନକାନନ ଏକ୍ସପ୍ରେସ ପୁରୀରୁ ୨୯ ଡିସେମ୍ବର ଠାରୁ ଏବଂ ଆନନ୍ଦ ବିହାରରୁ ୩୧ ଡିସେମ୍ବର ଠାରୁ ଗୋଟିଏ ଅତିରିକ୍ତ ଏସି-୨ ଟାୟାର୍ କୋଚ୍ ସଂଯୋଗ କରାଯିବ । ଏହି ଟ୍ରେନ୍ ପୂର୍ବର ୨୧ କୋଚ୍ ପରିବର୍ତ୍ତେ ୨୨ କୋଚ୍ ସହିତ ଚଳାଚଳ କରିବ ।

୧୨୮୭୫/୧୨୮୭୬ ପୁରୀ-ଆନନ୍ଦ ବିହାର (ନୂଆଦିଲ୍ଲୀ) - ପୁରୀରୁ ନୀଳାଚଳ ଏକ୍ସପ୍ରେସ ପୁରୀରୁ ୩୦ ଡିସେମ୍ବର, ୨୦୨୨ ଠାରୁ ଏବଂ ଆନନ୍ଦ ବିହାରରୁ ୧ ଜାନୁଆରୀ ଠାରୁ ସ୍ଥାୟୀ ଭିତିରେ ଗୋଟିଏ ଅତିରିକ୍ତ ଏସି-୨ ଟାୟାର୍ କୋଚ୍ ସଂଯୋଗ କରାଯିବ । ଏହି ଟ୍ରେନ୍ ପୂର୍ବର ୨୧ କୋଚ୍ ପରିବର୍ତ୍ତେ ୨୨ କୋଚ୍ ସହିତ ଚଳାଚଳ କରିବ । ଏହା ବ୍ୟତୀତ ୧୮୪୧୦/୧୮୪୦୯ ପୁରୀ-ଶାଳିମାର-ପୁରୀ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ପୁରୀ ଠାରୁ ୧ ଜାନୁଆରୀ ରୁ ଏବଂ ଶାଳିମାରରୁ ୨ ଜାନୁଆରୀ ରୁ ସ୍ଥାୟୀ ଭିତିରେ ଦୁଇଟି ଅତିରିକ୍ତ ସ୍ଲିପର୍ କ୍ଲାସ୍ କୋଚ୍ ସହିତ ଚଳାଚଳ କରିବ । ଏହି ଟ୍ରେନ୍ ପୂର୍ବ ୨୦ କୋଚ୍ ପରିବର୍ତ୍ତେ ୨୧ କୋଚ୍ ସହିତ ଚଳାଚଳ କରିବ ।

# କୁଡୁମୁଲୁଗୁମ୍ମା ବିଏସଏଫ ତରଫରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ

ମାଲକାନଗିରି , ୨୦/୧୨ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନ ର କମ୍ପାନୀ କମାଣ୍ଡର ଅଜୟ କୁମାରଙ୍କ ନିର୍ଦ୍ଦେଶନାରେ କୁଡୁମୁଲୁଗୁମ୍ମା ସ୍ଥିତ ୧୫୧ ବିଏସଏଫ ବାଟାଲିୟନର ଆସିଷ୍ଟାଂଟ କମାଣ୍ଡାଂଟ ଅମିତ୍ କୁମାର ବିଶ୍ୱକର୍ମାଙ୍କ ପୌରହିତ୍ୟରେ ଯବାନ ମାନଙ୍କ ଦ୍ୱାରା ବ୍ୟବହୃତ କରାଯାଉଥିବା ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଆଜି ପ୍ରଦର୍ଶିତ କରାଯାଇଛି । ଏହି ଅବସରରେ କୁଡୁମୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଗଣ୍ଡଙ୍କ ନେତୃତ୍ୱରେ ଦଶମ ଶ୍ରେଣୀର ପାଖାପାଖି ୪୦ ଜଣ ଛାତ୍ରଛାତ୍ରୀ ଅସ୍ତ୍ରଶସ୍ତ୍ର ଗୁଡ଼ିକୁ ଅତି ନିକଟରୁ ଦେଖିବା, ସହ ଉକ୍ତ ଅସ୍ତ୍ରଶସ୍ତ୍ର ଗୁଡ଼ିକର କାର୍ଯ୍ୟଦକ୍ଷତାର ସବିଶେଷ ତଥ୍ୟ ବିଷୟରେ ଅବଗତ ହୋଇଥିଲେ । ପିଲାମାନେ ଜିଜ୍ଞାସା ଓ କୌତୁହଳ ବସତଃ ବିଏସଏଫ ର ଆଶିଷ୍ଅଧିକାରୀ ଶ୍ରୀ ଅମିତ କୁମାରଙ୍କୁ, ବିଏସଏଫ ର ଗଠନ, ଏହାର କର୍ତବ୍ୟ ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ବିଭିନ୍ନ ପ୍ରଶ୍ନ ମଧ ପଚାରିଥିଲେ ଯାହାର ସଠିକ ଉତର ମଧ ପାଇଥିଲେ । ଏହାପରେ ବିଏସଏଫ ର ଗଠନ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚାଲିଥିବା ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ଏକ ଲଘୁ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା ଯାହାକୁ ସମସ୍ତେ ମିଶି ଦେଖିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧରେ ଶିକ୍ଷକ ଭୂପତି ବାଚାର, ଶିକ୍ଷୟତ୍ରୀ ଶସ୍ମିତା ମହାପାତ୍ର, ଅଙ୍କିତା ବାଓ୍ୱାଲ, ବିଏସଏଫ ହେଡ୍ କନଷ୍ଟେବଳ ସରୋଜ କୁମାର ରଥ, ସମାଜସେବୀ ଭଗବାନ ସାହୁ ଓ ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଗଣ୍ଡ କହିଛନ୍ତି ଯେ ଏଭଳି ପ୍ରଦର୍ଶନୀ ଦ୍ୱାରା ପିଲାମାନଙ୍କ ମଧରେ ଶୃଙ୍ଖଳା ଜ୍ଞାନ ସହିତ ଅଦମ୍ୟ ସାହସ ସୃଷ୍ଟି ହୋଇପାରିବ ଯାହା ଫଳରେ ସମସ୍ତଙ୍କ ମନରେ ରାଷ୍ଟ୍ରୀୟତା ଭାବନା ଜାଗ୍ରତ ହୋଇପାରିବ ।

# ଘଟଗାଁ ବ୍ଲକ ଏବିଡିଓଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ

ଘଟଗାଁ, ୨୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘଟଗାଁ ବ୍ଲକରେ ନିଯୁକ୍ତିପ୍ରାପ୍ତ ଏବିଡିଓ ଚିତ୍ତରଞ୍ଜନ ନାୟକଙ୍କୁ ୨୦୨୨ର ରାଜ୍ୟସ୍ତରୀୟ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଛି । ସଂପାଦକ ବିମଳ କୁମାର ପତିଙ୍କ ସୌଜନ୍ୟରୁ ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶ ଓ କବିତା ଉତ୍ସବରେ ଶ୍ରୀ ନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଜିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି ।

ପ୍ରକାଶ ଯେ, ଶ୍ରୀ ନାୟକ ଏକାଧାରାରେ ଜଣେ ମିଷ୍ଟଭାଷି, ନିଜର ପାରିଦର୍ଶିତାରୁ ଜିପିଓରୁ ଏବିଡିଓ ଏବଂ ଯୁବକବି । ସେ ଇଂରାଜୀ ଓଡିଆ କବିତା ରଚନାରେ ପାରଙ୍ଗମ ।

# ବଲାଙ୍ଗିର ସହରାଂଚଳ ଓ ଆଖପାଖରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ

ବଲାଙ୍ଗିର , ୨୦/୧୨ (ନି.ପ୍ର): ଆଗାମୀ କାଲି ୨୦ ଡିସେମ୍ବର ୨୦୨୨ ସକାଳ ୮ ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ବଲାଙ୍ଗିର ସହର ଓ ଏହାର ଆଖପାଖ ଅଂଚଳରେ ବଲାଙ୍ଗିର ଲାଲ ଟିକରା ଗ୍ରିଡ୍ (ଓପ୍ଟିସିଏଲ) ରେ ଜରୁରୀକାଳୀନ ସଜଡା କାମ ପାଇଁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟାଟା ବିଦ୍ୟୁତ୍ ଯୋଗାଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସହଯୋଗ ପାଇଁ ଅନୁରୋଧ କରାଯାଇଛି ।

# ଜୟପୁରରେ ନିର୍ମାଣ ହେବ ସ୍ପୋର୍ଟସ ହଷ୍ଟେଲ - ମନ୍ତ୍ରୀ

ଜୟପୁର, ୨୦/୧୨ (ନି.ପ୍ର): ଜୟପୁର ନିକଟରେ ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାଯ୍ୟ ମନ୍ଥର ଗତିରେ ଚାଲିଛି । ଆଜି ରାଜ୍ୟ କ୍ରିଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଇଣ୍ଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ, ଆଇଟି ପାର୍କ, ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାଯ୍ୟର ସମିକ୍ଷା କରିଛନ୍ତି । କାମ ଶେଷ ହୋଇ ନଥିବାରୁ ମନ୍ତ୍ରୀ ଉଦବେଗ ପ୍ରକାଶ କରିଥିଲେ । ସବ ଲିଜ ନେଇଥିବା ଠିକାଦାର ରଜତ ପାଢୀ ମନ୍ତ୍ରୀଙ୍କୁ ବାରମ୍ବାର ମେପ ବଦଳାଯାଉଥିବା ଓ ଠିକ ସମୟରେ ବିଲ ପେମେଣ୍ଟ ହେଉନଥିବା କହିଥିଲେ । ସବୁ ସମିକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀ ବେହେରା ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, କିଛି ମେପ ପରିବର୍ତନ ସହ କରୋନା ମହାମାରି ପାଇଁ ବିଳମ୍ବ ହୋଇଥିବା ସୂଚନା ଦେଇଛନ୍ତି । ବର୍ଷା ମାସ ପୂର୍ବରୁ ସମସ୍ତ କାଯ୍ୟ ଶେଷ ହେବ ଓ ମାର୍ଚ୍ଚ ମାସରେ ସୁଇମିଙ୍ଗପୁଲ କାମ ଶେଷ ହେବ ବୋଲି କହିଛନ୍ତି । ଏହା ସହ ଜୟପୁରରେ ସ୍ପୋର୍ଟସ ହଷ୍ଟେଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସମିକ୍ଷା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହିଥିଲେ । ବିଧାୟକ କହିଛନ୍ତି ଯେ, ରାଜ୍ୟ ସରକାର ଗୋଟିଏ ଏଜେନ୍ସିକୁ କାମ କରିବାକୁ ଦେଇଛନ୍ତି । ସେମାନଙ୍କ କାଯ୍ୟରେ ଅସୁବିଧା ଯୋଗୁ ସାଧାରଣ ଜନତା ହଇରାଣ ହେଉଛନ୍ତି । ଏହି ଷ୍ଟାଡିୟମ କାମ ଏପ୍ରିଲ ୨୦୧୯ ରେ ଆରମ୍ଭ ହୋଇଥିଲା । ୧୮ ମାସ ଭିତରେ କାମ ଶେଷ ହେବା ନେଇ ଲକ୍ଷ୍ୟ ରଖିଥିଲା । ୨୦୨୦ ଅଗଷ୍ଟ ମାସରେ କାମ ଶେଷ ହେବାର ଥିଲା ।୧୨ ଏକର ଜମିରେ ସ୍ପୋର୍ଟସ କଂପ୍ଲେକ୍ସର ନିର୍ମାଣ କାଯ୍ୟ ଚାଲିଥିବା ବେଳେ କେବେ ଶେଷ ହେବ ତାକୁ ନେଇ ଆଶା ଓ ଆଶଙ୍କା ମଧରେ ରହିଛନ୍ତି କ୍ରିଡା ପ୍ରେମି । ଜୟପୁର ଠାରେ ଯେଉଁ କଂପ୍ଲେକ୍ସ ତିଆରି ହେବ ସେଥିରେ ସୁଇମିଙ୍ଗ ପୁଲ, ଜାତିୟ ସ୍ତରିୟ ଫୁଟବଲ ଗ୍ରାଉଣ୍ଡ, ଇଣ୍ଡୋର ଷ୍ଟାଡିୟମ, ବାସ୍କେଟ ବଲ, ହଷ୍ଟେଲ ଆଦି ରହିବାର ଯୋଜନା ରହିଛି । ସରକାର ରାଜ୍ୟରେ କ୍ରୀଡାର ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି । ଏଥି ନିମନ୍ତେ କ୍ରୀଡାବିତଙ୍କ ପାଇଁ ସୁବିଧା ସୁଯୋଗ ମାଧମରେ କ୍ରୀଡାର ବିକାଶ ସରକାରଙ୍କ ଲକ୍ଷ୍ୟ ରହିଥିବା ବେଳେ ଅବଧି ଶେଷ ହୋଇଥିଲେ ବି ୪୦ ପ୍ରତିଶତ କାମ ଶେଷ ହୋଇଛି । ତେଣୁ ତୁରନ୍ତ ରାଜ୍ୟ ସରକାର ଇଂଟେଗ୍ରେଟେଡ ସ୍ପୋର୍ଟସ କଂପ୍ଲେକ୍ସ କାମର ସମୀକ୍ଷା କରି ଏହାର ଶେଷ କରିବାକୁ କ୍ରିଡା ପ୍ରେମି ମାନେ ଦାବୀ କରିଛନ୍ତି । ସେହିପରି ଆଇଟି ପାର୍କ ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ ମନ୍ତ୍ରୀ । ଆସନ୍ତା ଜାନୁଆରି ୨୦୨୩ ରେ ଏଠାରେ କାଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହା ସହ ବିଜ୍ଞାନ କେନ୍ଦ୍ରକୁ ମଧ ବୁଲି ଦେଖି ଖୁସି ପ୍ରକଟ କରିଥିଲେ ।

ଏହି ସମିକ୍ଷା ସମୟରେ ବିଧାୟକ ଶ୍ରୀ ବାହନିପତିଙ୍କ ସହ ଉପ ଜିଲାପାଳ ବେଦବର ପ୍ରଧାନ, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଜେଡି ଜିଲା ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧକ୍ଷ ଚନ୍ଦ୍ର ଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନାଟ୍ୟକାର ଜଗନ ମୋହନ ଲାଲାଙ୍କ ସ୍ମୃତିରେ ଆଲୋଚନାଚକ୍ର

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): ଆଦି ନାଟ୍ୟକାର ଜଗନ୍ ମୋହନ ଲାଲାଙ୍କ ସ୍ମୃତିରେ ଓଡିଶା ନାଟ୍ୟ ସଙ୍ଘ ଓ ତୁଳସୀ କଲଚରାଲ ଆସୋସିଏସନର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସହରର ବିନୋଦ ବିହାରୀଜୀୟୁଙ୍କ ସଭା ଗୃହରେ ଅନୁଷ୍ଠିତ 'ଆମ ନାଟକରେ ସାଂପ୍ରତିକ ସମାଜ'ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପି.ଏନ.ଏସ. ସ୍କୁଲ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜିର ଅଧକ୍ଷ ଇଂ ଜ୍ଞାନରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଡଃ. ପ୍ରଦୀପ୍ତ ରାଉତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଆସୋସିଏସନର ଉପସଭାପତି ନାଟ୍ୟଶିଳ୍ପୀ ରବୀନ୍ଦ୍ର ନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସମ୍ପାଦକ କୈଳାସ ଚନ୍ଦ୍ର ନହାନ୍ତି ମ ପରିଚାଳନା କରିଥିଲେ । ଏହି ଆଲୋଚନାଚକ୍ରରେ ଆସୋସିଏସନର ସଦସ୍ୟ ସରୋଜ କୁମାର ମହାନ୍ତି, ଅକ୍ଷୟ ସେନାପତି, ସଂଯୁକ୍ତା ଦାସ, ଅଶୋକ କୁମାର ସାହୁ, ହାଡିବନ୍ଧୁ ସିଂ, ଐଶ୍ୱର୍ଯ୍ୟରଞ୍ଜନ ଜେନା, ରାଜ କିଶୋର ପତ୍ରୀ, ଇତିଶ୍ରୀ ଦାସ, ଐଶ୍ୱର୍ଯ୍ୟା ଦାସ, ପ୍ରତୀକ ଅନୁରାଗ ଦାଶ, ଉମାକାନ୍ତ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବର୍ତମାନର ନାଟକ କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟ ବସ୍ତୁ ରହିଛି, କିପରି ସାଂପ୍ରତିକ ସମାଜର ବିଭିନ୍ନ ବିଷୟକୁ ନେଇ ନାଟକ ଅଭିନୟ କରାଯାଇପାରିବ, କିପରି ନାଟ୍ୟ ନାଟକକୁ ଆହୁରି ବୃଦ୍ଧି କରାଯିବ ସେ ବିଷୟରେ ଅତି ବିସ୍ତୃତ ଭାବେ ଆଲୋଚନା ଆଲୋଚନା କରାଯାଇଥିଲା । ଶେଷରେ ସଦସ୍ୟ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନିକା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୦/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୪୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୪୪ ଗୋଟି, ସାମୁହିକ ଦରଖାସ୍ତ ୫ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି । ଗ୍ରହଣ କରାଯାଇଥିବା ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡ଼ିଓ ), ବିନିକା ପ୍ରଜ୍ଞା ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଉନ୍ନୟନ ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପି. କୁଜୁର, ଉପ ଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର ବିନିକା, ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ ।

# ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହୋଇଛି - ମୁଖ୍ୟ ଶାସନସଚିବ

ରାଉରକେଲା, ୨୦/୧୨ (ନି.ପ୍ର): ବିଶ୍ୱକପ ହକି-୨୦୨୩ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି ଏବଂ ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ଼ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହୋଇଛି ବୋଲି ମୁଖ୍ୟ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ରାଉରକେଲା ଗସ୍ତରେ ଆସିଥିବା ମୁଖ୍ୟ ଶାସନସଚିବ ଶ୍ରୀ ମହାପାତ୍ର ଆଜି ଗଣମାଧମକୁ ଏହା କହିଛନ୍ତି । ଆଜି ଏକ ସ୍ୱତନ୍ତ୍ର ବିମାନ ଯୋଗେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର, ଫାଇଭ୍- ଟି ସଚିବ ଭି.କେ. ପାଣ୍ଡିଆନ୍ ଓ କ୍ରୀଡ଼ା ସଚିବ ଆର. ଭିନିଲ୍ କ୍ରିଷ୍ଣା ରାଉରକେଲାରେ ପହଂଚି ସିଧାସଳଖ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ହକି ପଡ଼ିଆ ଅଂଚଳ ପରିଦର୍ଶନରେ ଯାଇଥିଲେ । ସେଠାରେ ଉଭୟ ପିଚ୍ ପ୍ରସ୍ତୁତ ହୋଇସାରିଥିବା ବେଳେ ଏଥିପାଇଁ ସମସ୍ତ ପ୍ରକାର ଲାଇସେନ୍ସ ମିଳିସାରିଛି ଏବଂ ଆଗାମୀ ୨୪ ତାରିଖ ଦିନ ଏହି ପିଚ୍ ରେ ପରୀକ୍ଷାମୂଳକ ଭାବେ ଅଭ୍ୟାସ ମ୍ୟାଚ୍ ଖେଳାଯିବ ଏବଂ ପିଚ୍ ରେ ଯଦି କିଛି ତ୍ରୁଟୀ ଦେଖାଯାଏ, ମୁଖ୍ୟ ଖେଳ ପୂର୍ବରୁ ତାହାର ସମାଧାନ କରାଯିବ ବୋଲି ମୁଖ୍ୟ ଶାସନସଚିବ ଶ୍ରୀ ମହାପାତ୍ର କହିଛନ୍ତି । ସେହିଭଳି ପଡ଼ିଆରେ ଲାଗିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଆଲୋକ ଗୁଡିକ ପାଇଁ ଲାଇସେନ୍ସ ମିଳିବା ସହ ସେଗୁଡିକୁ ପରୀକ୍ଷା କରାଯାଇ ସାରିଛି । ତେବେ ଏହି ଖେଳ ପାଇଁ ଆବଶ୍ୟକ ହେଉଥିବା ବିମାନବନ୍ଦର କାର୍ଯ୍ୟ ମଧ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଏହାର ସମସ୍ତ ଅଂଚଳକୁ ଉଭୟ ଆଇଏଏସ ମାନେ ପରିଦର୍ଶନ କରି କହିଛନ୍ତି ଯେ, ଦୁଇରୁ ତିନି ଦିନ ମଧରେ ଡିଜିସିଏ ବିମାନ ବନ୍ଦର ଲାଗି ଲାଇସେନ୍ସ ପ୍ରଦାନ କରିବ । ପରେ ଉଡ଼ାଣ ଯୋଜନାରେ ବିମାନ ଚଳାଚଳ କରିବା ସହ ଖେଳ ସମୟରେ ଚାଟାର୍ଡ଼ ପ୍ଲେନ୍ ଗୁଡିକ ଚଳାଚଳ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । କିନ୍ତୁ, ରାଉରକେଲା ବିମାନ ବନ୍ଦରକୁ ୨ସି କିମ୍ବା ୩ ସି ଲାଇସେନ୍ସ ମିଳିବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦେଇନଥିବା ବେଳେ ହକି ଖେଳ ପରେ ରାଉରକେଲା ବିମାନ ବନ୍ଦରରେ ନିୟମିତ ବିମାନ ଚାଲିବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏଠାରେ ଉଲ୍ଲେଖଯୋଗ୍ୟ, ୨ସି ଲାଇସେନ୍ସ ମିଳିଲେ ନିୟମିତ ବିମାନ ଚଳାଚଳ ହୋଇପାରିବ ନାହିଁ ।

# ଅସହାୟ ଓ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଂଚାୟତରେ କିଛି ଗରିବ ଓ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । କୋର ପଂଚାୟତର ବିଜେଡି ସଭାପତି ତଥା କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତମା)ର ଅଧକ୍ଷ ଅଶୋକ କୁମାର ବରାଳ ପଂଚାୟତର ୨୨ଜଣ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଚରଣ ସୁତାର, ହୃଷିକେଶ ରାଉତ, ନୃସିଂହ ଚରଣ ରାଉତ, ସୁନ୍ଦରମଣି ସାହୁ, ଦୁଶାସନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଟେଂଟହାଉସ ସଂଘର ରୌପ୍ୟ ଜୟନ୍ତୀ ପାଳିତ




ବାରିପଦା, ୨୦/୧୨ (ନି.ପ୍ର): ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ସଂଘର ଉପଦେଷ୍ଟା ସମରେନ୍ଦ୍ର ବଶାଙ୍କ ପୌରହିତ୍ୟରେ ମୟୂରଭଂଜ ଜିଲ୍ଲା ଟେଂଟ ହାଉସ ସଂଘର ରୌପ୍ୟ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସହକାରୀ ଜିଲାପାଳ ପ୍ରମିଳା ମଲ୍ଲିକ ମହୋଦୟା ଓ ମୁଖ୍ୟ ବକ୍ତା ଭାବେ ବାରିପଦା ମ୍ୟୁନିସିପାଲିଟିର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର ସମ୍ପାଦକ ପ୍ରଦୀପ କୁମାର ଭଞ୍ଜ ଯୋଗ ଦେଇ ବିଭିନ୍ନ ଷ୍ଟୋଲଗୁଡିକୁ ଉଦଘାଟନ କରିବା ସହିତ ଅଧିବେଶନରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରଥମ ଅଧିବେଶନ ଆରମ୍ଭରେ ଜିଲ୍ଲା ସମ୍ପାଦକ ସଂଜୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଉଭୟ ଅତିଥିଙ୍କୁ ଏକ ସ୍ଥାୟୀ କାର୍ଯ୍ୟାଳୟ ନିମିତ ଏକ ଜାଗା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲା ସଭାପତି ନିଜ ବକ୍ତବ୍ୟରେ ସଂଘ କିପରି ବିଭିନ୍ନ ଘାତ ପ୍ରତିଘାତ ଅତିକ୍ରମ କରି ଆଜି ସରକାରୀ ସ୍ୱୀକୃତି ପାଇ ସାରା ଜିଲ୍ଲାରୁ ସାତଶହ ସଭ୍ୟ ପଂଜିକୃତ ହୋଇଛି ତାହା ଆଲୋଚନା କରିଥିଲେ । ଏହି ଅଧିବେଶନ ଶେଷରେ କାର୍ଯ୍ୟକାରୀ ସମ୍ପାଦକ ସୁବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ର ହିସାବରେ ଅନ୍ଧ ମୂକ ବଧିର ବିଦ୍ୟାଳୟର ରଂଜନ ହାଁସଦା ଓ ସନ୍ତୋଷିନୀ ଟୁଡୁ, ମ୍ୟାଟ୍ରିକ ପରୀକ୍ଷାରେ ଟପ୍ପର ଜନ୍ମେଜୟ କବାଟ, ସଫେଇରେ ପ୍ରଥମ ଦମ୍ପତି ହରି ମୁଖୀ ଓ ଲକ୍ଷ୍ମୀ ମୁଖୀ, ସମାଜସେବା ଓ ସାହିତ୍ୟରେ ପଦ୍ମନାଭ ସାହୁ, ବ୍ୟୟଜେଷ୍ଠ ଟେଂଟ ମାଲିକ ଭାବେ ନନ୍ଦଲାଲ ମାଇତି ଓ ଖଗେନ୍ଦ୍ର ସାହୁ, ନମ୍ବର ୱାନ ଡ୍ୟାନ୍ସ ଗ୍ରୁପର ଆହିଦ ଖାନ, ତଥା ଝାର ପୋଖରିଆ ଜୋନକୁ ଶ୍ରେଷ୍ଠ ଜୋନ ଭାବେ ସନ୍ମାନୀତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଅତିଥି ପ୍ରବୋଧ ଦାସ ଓ ଗୁରୁଚରଣ ଦାସ ନିଜ ବକ୍ତବ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ଅଠରଟି ଜୋନକୁ ସମ୍ମାନିତ କରିଥିଲେ । ଏହି ଅବସରରେ ଲଟେରୀ ଉଠାଣ ସହ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ରବୀନ୍ଦ୍ରନାଥ ପଣ୍ଡା, ଅକ୍ଷୟ ମହାନ୍ତି, ରାକେଶ ଦାସ, ଦୀପକ ଦାସ, ଅଜୟ ମହାନ୍ତି, ଗୋପାଳ ସାହୁ, ତଥା ବାରିପଦା ଯୋନ ର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ବାରିପଦା, ୨୦/୧୨ (ନି.ପ୍ର): ଶାମାଖୁଂଟା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପକ୍ଷଳ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଦୌଡ଼କୁଦ ଓ କୌତୁକ କ୍ରୀଡା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବ ରେ ସହକାରୀ ପ୍ରଫେସର ଡ଼ଃ ସରୋଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରିବା ସହ ସାମ୍ପ୍ରତିକ ସମୟରେ କ୍ରୀଡ଼ା ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ଆଶିଷ ରଂଜନ ବାସୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ମୟୂରଭଞ୍ଜ ବନ୍ଦ ଡ଼ାକରା ଉଦଳାରେ ପ୍ରଭାବହୀନ

ଉଦଳା, ୨୦/୧୨ (ନି.ପ୍ର): ଆଦିବାସୀ ଭାଷା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବୀରେ ଆଜି ଡ଼ିସେମ୍ବର ୨୦ ତାରିଖ ମଙ୍ଗଳବାର ଦିନ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡ଼ାକରା ଦିଆଯାଇଥିଲା । ଉଦଳା ବ୍ଲକ ସ୍ତରରେ ଏହାକୁ ସଫଳ କରିବା ପାଇଁ ଭାରତ୍ ଜାକାତ୍ ମାଝୀ ପାର୍ଗାନା ମହଲ ନେତୃତ୍ୱ ନେଇଥିଲା । କିନ୍ତୁ ଆଜି ଦିନ ତମାମ କେବଳ ଉଦଳା ସହର ମଧ୍ୟରେ ଥିବା ବିଦ୍ୟାଳୟ, ଯାନ ବାହାନ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବା ବେଳେ ଦୋକାନ ବଜାର ହାଟ ସବୁ କିଛି ଖୋଲା ଥିଲା । ମୋଟାମୋଟି ଭାବରେ ମୟୂରଭଞ୍ଜ ବନ୍ଦ ଡ଼ାକରା ଉଦଳାରେ ପ୍ରଭାବହୀନ ଥିଲା ।

## ପୁଣି ଆରମ୍ଭ ହେଲା ଗୋ ଚାଲାଣ

ଉଦଳା, ୨୦/୧୨ (ନି.ପ୍ର): ଏ ହେଉଛି ଉଦଳା – ବାରିପଦା ରାଜ୍ୟ ରାଜପଥର ଦୃଶ୍ୟ । ଏହି ପଥ ଦେଇ ଅତିତରେ ଶହ ଶହ ସଂଖ୍ୟାରେ ଗୋ ଚାଲାଣ ଚାଲିଥିଲା । କିନ୍ତୁ ଏହାକୁ ବିରୋଧ କରି ଆନ୍ଦୋଳନ ମୁଣ୍ଡ ଟେକିଥିବାରୁ କିଛି ଦିନ ପାଇଁ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ତେବେ କିଛିଦିନର ନିରବତା ପରେ ପୁଣିଥରେ ଏବେ ଗୋ ଚାଲାଣ ଆରମ୍ଭ ହୋଇଛି । ତେବେ ବିନା ପ୍ରତିବନ୍ଧକରେ ଖୋଲାଖୋଲି ଭାବରେ ଏହା ଚାଲୁଥିବାର ଜଣାଯାଇଛି ।

## ୭୮ଗ୍ରାମ ବ୍ରାଉନ ସୁଗାର ଜବତ : ମହିଳା ଗିରଫ

ଖୋର୍ଦ୍ଧା, ୨୦/୧୨ (ନି.ପ୍ର): ଖୋର୍ଦ୍ଧା ଅବକାରୀ ବିଭାଗ ବ୍ରାଉନସୁଗାର କାରବାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିବା ସହିତ ତାଠାରୁ ୭୮ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଗିରଫ ମହିଳା ଜଣକ ହେଲେ ବିଜୟ ସେନାପତିଙ୍କ ସ୍ତ୍ରୀ ସୁକାନ୍ତି ସେନାପତି । ସୂଚନା ଅନୁଯାୟୀ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ବଧା ଶବର ସାହିରେ ବ୍ରାଉନସୁଗର କାରବାର କରୁଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ଚଢ଼ାଉ କରିଥିଲେ ।ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୭ଲକ୍ଷ ୭୮ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି ।

# ସମାଜସେବୀ ଗଦାଧର ପତିଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି

ବସ୍ତା,୨୦।୧୨(ନିପ୍ର): ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଗଦାଧର ପତିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । । ଏହି ସ୍ମୃତି ସଭାରେ ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପୁରୁଷୋତ୍ତମ ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ବଣିଆଡିହା ପଞ୍ଚାୟତ ର ସରପଞ୍ଚ କାଳିଚରଣ ଜେନା, ନିତ୍ୟାନନ୍ଦ ଦାସ, ବାବାଜୀ ନାୟକ, ଅନାଦୀ ମାନ୍ନା, ପିତାମ୍ବର ଜେନା, ଚୈତନ ପ୍ରସାଦ ଜେନା, ଅଞ୍ଜନ ସାହୁ,ସାମ୍ବାଦିକ ରାମଚନ୍ଦ୍ର ଦେବ, ପୂର୍ବତନ ଜିଲା ପରିଷଦ ମହେଶ୍ୱର ଜେନା, ନିଶାକର ସେଠୀ, ସୁଦର୍ଶନ ମହାପାତ୍ର, ରଞ୍ଜନ ଧଳ, ବାଲିଆପାଳ ବ୍ଲକର ପ୍ରାକ୍ତନ ଅଧକ୍ଷ ଅଶ୍ୱିନୀ ଜେନା, ମହେନ୍ଦ୍ର ବାରିକ, ଗଗନ ବିହାରୀ ସାହୁ, ମହେଶ୍ୱର ଦାସ, ସମାଜସେବୀ ଚିତ୍ତରଞ୍ଜନ ଜେନା, କାଶୀନାଥ ଦାସ, ବଂଶୀଧର ନାୟକ, ମନୋଜ ସ୍ୱର୍ଗତ ଗଦାଧର ସଦାସର୍ବଦା ନିଜର ଜୀବନ କୁ ଲୋକଙ୍କ ସେବାରେ ନିୟୋଜିତ କରିଥିଲେ । ସେ ଅତି ସରଳ ଜୀବନ ଅତିବାହିତ କରୁଥିଲେ ଏବଂ ବଣିଆଡିହା ବିଭିନ ପଞ୍ଚାୟତ ର ସବୁ ଅନୁଷ୍ଠାନ ସହିତ ଜଡିତ ଥିଲେ ବୋଲି କହିଥିଲେ । ଶେଷରେ ସାମ୍ବାଦିକ ତଥା ସ୍ୱର୍ଗତ ପତିଙ୍କ ପୁତ୍ର ବିଷ୍ଣୁପଦ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଣିଥରେ ପିଏମ୍ ମୋଦୀଙ୍କ ସହିତ ସାକ୍ଷାତ କଲେ ମମତା

କୋଲକାତା, ୨୦/୧୨ (ନି.ପ୍ର): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାକ୍ଷାତ କରିବାକୁ ଯାଉଛନ୍ତି । ଏଥର ବୈଠକ କୋଲକାତରେ ହେବ । ରାଜ୍ୟ ପ୍ରଶାସନ ସୂତ୍ର ମଙ୍ଗଳବାର ଦିନ କହିଛନ୍ତି ଯେ ଆଗାମୀ ୩୦ ଡିସେମ୍ବରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ଗଙ୍ଗା ପରିଷଦର ବୈଠକ ପାଇଁ କୋଲକାତା ଆସିପାରେ । ପ୍ରଧାନମନ୍ତ୍ରୀ ଏହି ପରିଷଦର ଅଧକ୍ଷ ଅଟନ୍ତି । ଏଥିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ସଦସ୍ୟ ଭାବେ ସାମିଲ ଅଛନ୍ତି । କେତେକ କାର୍ଯ୍ୟକ୍ରମ ହେଉଛି ଏଥିପାଇଁ ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସାମିଲ ହେବା ମଧ ସ୍ଥିର ହୋଇଛି । ଯଦି ପ୍ରଧାନମନ୍ତ୍ରୀ ଆସନ୍ତି ତେବେ ଅଲଗା ଭାବେ ମମତାଙ୍କ ସହିତ ତାଙ୍କ ବୈଠକ ମଧ ହେବ, ଯେଉଁଥିରେ ପଶ୍ଚିମବଙ୍ଗର ବକାଏର ଭୁକତାନ ବିଷୟରେ ମଧ ଚର୍ଚ୍ଚା ହୋଇପାରେ ।

# ଦ୍ୱିତୀୟ ପର୍ଯ୍ୟାୟ ଆପଦା ମିତ୍ର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୨୦/୧୨ (ନି.ପ୍ର): ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଆବାସିକ 'ଆପଦା ମିତ୍ର' ଦକ୍ଷତା ବୃଦ୍ଧି ପ୍ରଶକ୍ଷଣ ଶିବିର ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତର ପାଖର ସାଉଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୁଲ୍ୟରେ ଗତ ୮ତାରିଖରୁ ଆରମ୍ଭ ହୋଇ ଏହି ଶିବିର ୧୯ ତାରିଖରେ ଶେଷ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ଉଦଘାଟନୀ କାର୍ଯ୍ୟକ୍ରମରେ ଜରୁରୀକାଳୀନ ଅଧିକାରୀ ରିଜୱାନା କଓ୍ୱକବ ଉପସ୍ଥିତ ଥିଲେ । ରେମୁଣା ଓ ବାହାନଗା ବ୍ଲକର ୪୦ ଜଣ 'ଆପଦା ମିତ୍ର' ଏଥିରେ ପ୍ରଶିକ୍ଷଣ ନେଇଛନ୍ତି । ସେମାନଙ୍କ ମଧ୍ୟରେ ୧୫ଜଣ ପୁରୁଷ ଓ ୨୫ଜଣ ମହିଳା ଥିଲେ । ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରେ ନେବାକୁ ଥିବା ବିଭିନ୍ନ ପ୍ରକାରର ଜୀବନ ରକ୍ଷାକାରୀ କୌଶଳ, ଅନୁସନ୍ଧାନ କୌଶଳ, ଉଦ୍ଧାର କୌଶଳ, ନୌଚାଳନା କୌଶଳ ଆଦି ବିଷୟରେ ଶିବିରାର୍ଥୀଙ୍କୁ ତାଲିମ ଦିଆଯାଇଥିଲା । ଓଡ୍ରାଫ୍, ଅଗ୍ନିଶମ ବିଭାଗ ଓ ସିଭିଲ ଡିଫେନ୍ସର ମାଷ୍ଟର ଟ୍ରେନର ଏଥିରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦଯାପନ ଦିବସରେ ଶିବିରାର୍ଥୀଙ୍କ ମଧ୍ୟରେ ଲିଖିତ ପରୀକ୍ଷା କରାଯାଇଥିଲା ।ଏଥିରେ ସମସ୍ତେ କୃତକାର୍ଯ୍ୟ ହୋଇଥିଲେ । ସମସ୍ତଙ୍କୁ ରିଜୱାନା କଓ୍ୱକବ ଓ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଶ୍ରୀ ରଘୁନାଥ ଟୁଡୁ ମାନପତ୍ର ପ୍ରଦାନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଦ୍ୱାଦଶ ଦିବସୀୟ ତାଲିମ୍ ଶିବିରକୁ ଜିଲା ପ୍ରଶାସନ ତରଫରୁ ଜିଲା ପ୍ରକଳ୍ପ ଅଧିକାରୀ ନିମାଇଁ ଚରଣ ଦାସ ଓ ୟୁନିସେଫ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ଜଳେଶ୍ୱର ସବ୍‌ଡିଭିଜନ୍ ଘୋଷଣା ଦାବିରେ ୫ହଜାର ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ହେବ ହସ୍ତାନ୍ତର




ଜଳେଶ୍ୱର ୨୦/୧୨(ନି.ପ୍ର): ଉତ୍ତର ଓଡିଶାରେ ଜଳେଶ୍ୱରକୁ କେନ୍ଦ୍ର କରି ଏକ ସବ୍‌ଡିଭିଜନ୍ ଘୋଷଣା ଲାଗି ଯୁବ ଓ ଛାତ୍ର ସଂଗଠନ ପ୍ରୟାସ ଜାରି ରଖିଛି । ତିନି ସପ୍ତାହ ମଧ୍ୟରେ ଉତ୍ତର ବାଲେଶ୍ୱରରୁ ୫ହଜାର ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯିବାର ସିଦ୍ଧାନ୍ତ ହୋଇଛି । ଏଥିଲାଗି ଆଜି ଭଂଜଶ୍ରୀ ଭବନରେ ଯୁବ-ଛାତ୍ର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ ହୋଇଯାଇଛି । ଦୀର୍ଘ ୪୪ବର୍ଷ ଧରି ଜଳେଶ୍ୱରକୁ ସବ୍‌ଡିଭିଜନ୍ ଘୋଷଣା ଲାଗି ବିଭିନ୍ନ ପର୍ଯ୍ୟାୟରେ ଓ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରୁ ଦାବି ହୋଇ ଆସୁଛି । କିନ୍ତୁ ଅଦ୍ୟାବଧି ତାହା ଘୋଷିତ ହୋଇ ନଥିବାରୁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଂଚଳର ଛାତ୍ର ଓ ଯୁବ ସଂଗଠନ ଏହି ଦାବିକୁ ଗୁରୁତ୍ୱ ଦେଇଛି । ଏବେ ଜଳେଶ୍ୱରରେ ଏକ ଜିଲା ଲାଗି ପ୍ରସ୍ତାବ ଆସିଥିବା ବେଳେ ଏଠାରେ ୫ଟି ବିଭାଗର ଜିଲା ସ୍ତରୀୟ କାର୍ଯ୍ୟାଳୟ ସ୍ଥାପିତ ହୋଇଛି । ବାଲେଶ୍ୱରରୁ ଜଳେଶ୍ୱର ଓ ଭୋଗରାଇ ଶେଷ ସୀମାଯାଏ ୧୦୦ କି.ମି ଦୂରତ୍ୱ, ସୀମା ସମସ୍ୟା, ମାଦକ ଦ୍ରବ୍ୟର ବ୍ୟାପକ ଚୋରାଚାଲାଣ, ମୁକୁଳା ସମୁଦ୍ର ବେଳାଭୂମୀ, ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ଇତ୍ୟାଦି ଲାଗି ସବ୍‌ଡିଭିଜନ୍ ଏକାନ୍ତ ଜରୁରୀ ବୋଲି ଆଜି ସଂଗଠନର ୬ ଆବାହକ କାଳିଚରଣ ଦାସ, ଚନ୍ଦନ କର, ରାସବିହାରୀ ରଣା, ସତ୍ୟଶୋଭନ ମିଶ୍ର, ରାଜୀବ ଗିରି ଓ ବାଦଲ ବେହେରା ସମ୍ବାଦିକ ସମ୍ମିଳନୀରେ ଯୁକ୍ତି ଉତ୍‌ଥାପନ କରିଥିଲେ । ଜାନୁଆରୀ ୫ ତାରିଖ ସୁଦ୍ଧା ୧୦ହଜାର ବ୍ୟକ୍ତିଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେବାର ସିଦ୍ଧାନ୍ତ କରିଥିବା ବେଳେ ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସୁଥିବାରୁ ସେଠାରେ ୫ହଜାର ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ତାଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ କୁହାଯାଇଛି । ଏଥିରେ ପ୍ରତି ବ୍ଲକ ସ୍ତରର ଯୁବ-ଛାତ୍ର, ନେତୃସ୍ଥାନୀୟ ବ୍ୟକ୍ତି ସ୍ୱାକ୍ଷର କରିଥିବା ବେଳେ ଏଣିକି ୪ଟି ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ସ୍ୱାକ୍ଷର କରିବା ସିଦ୍ଧାନ୍ତ ସଂପର୍କରେ କହିଥିଲେ ।

# ଟାଟା ପାୱାର ମିଟର ମ୍ୟାନେଜମେଂଟ ଗ୍ରୁପର କର୍ମଚାରୀଙ୍କ ସମାବେଶ




ବାରିପଦା, ୨୦/୧୨ (ନି.ପ୍ର): ଟାଟା ପାୱାର ମିଟର ମ୍ୟାନେଜମେଂଟ ଗ୍ରୁପର କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ସଂଘର ଉପ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଅଧ୍ୟକ୍ଷତାରେ ଆଜି ଏକ ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ, ନେସ୍କୋ ପାୱାର ଏମ୍ପୋଲାଇଜ ଆହ୍ୱାନରେ ଶତାଧିକ ବିଦ୍ୟୁତ ମିଟର ମ୍ୟାନେଜମେଂଟ ଗ୍ରୁପର କର୍ମଚାରୀ ଉପସ୍ଥିତ ହୋଇ ନିଯୁକ୍ତି ଦିନଠାରୁ ସର୍ବନିମ୍ନ ମଜୁରୀ ଠାରୁ କମ ଦରମା ଦେଉଥିବାରୁ ଉପଯୁକ୍ତ ଦରମା ପ୍ରଦାନ କରିବା, ଇପିଏଫ ଓ ଇଏସଆଇ ଠିକ ଭାବରେ ପୈଠ କରିବା, ଇଏସଆଇ କାର୍ଡ ଦେବା, ତୁରନ୍ତ ପରିଚୟ ପତ୍ର ଓ ନିଯୁକ୍ତି ପତ୍ର ସହ ପ୍ରତିମାସ ଦରମା ଚିଠା ପ୍ରଦାନ କରିବା । ଶ୍ରମ ଆଇନ ଅନୁସାରେ ପ୍ରତ୍ୟେକ ମାସ ୭ ତାରିଖ ଭିତରେ ଦରମା ଦେବା, ସମସ୍ତଙ୍କୁ ଡ୍ରେସକୋଡ ଦେବା ଏବଂ ପ୍ରତ୍ୟେକ ମାସ ତୈଳ ଭତା ଓ ମୋବାଇଲ ରିଚାର୍ଜ କରାଯିବା ଆଦି ଦାବି ଗୁଡ଼ିକ ଉପସ୍ଥାପନା କରିଥିଲେ । ନିର୍ଦ୍ଧରିତ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ନହେଲେ ସୃଷ୍ଟି ହେବାକୁ ଥିବା ବିରାଟ ଆନ୍ଦୋଳନ ଏବଂ ଶ୍ରମିକ ଅଶାନ୍ତି ପାଇଁ ବିଭାଗୀୟ ଅଧିକାରୀ ତଥା ଭିଜନ ଇଣ୍ଡିଆ ସର୍ଭିସ ଠିକା ସଂସ୍ଥା ଦାୟୀ ରହିବେ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି । ଉକ୍ତ ସମାବେଶରେ ସଂଘର ପ୍ରମୋଦ କୁମାର ପାତ୍ର, ଶାସ୍ୱତ ରଂଜନ ଖିଲାର, ପ୍ରିୟବ୍ରତ ବାରିକ, ଶିବ ଶଙ୍କର ନାୟକ, ବସନ୍ତ ହାଁସଦା, ସୁବ୍ରତ ସାହୁ, ସାଲକୋ ମୁର୍ମୁ, ପ୍ରମୋଦ ରାଉତ, ଅରୁଣ କୁମାର ଗୋଚ୍ଛାୟତ, ସନ୍ମତ ଦତ, ଭବେଶ ବେହେରା, ଗୋବିନ୍ଦ ବେହେରା, ରାମଚନ୍ଦ୍ର ହେମ୍ବ୍ରମ, ବିଜୟ ଗୋପ ଇତ୍ୟାଦି ବହୁ ସଂଖ୍ୟାରେ ମିଟର ମ୍ୟାନେଜମ୍ୟାଂଟଗ୍ରୁପର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ....

ଶୁଣନ୍ତୁ କଣ କହିଥିଲେ କଂଗ୍ରେସ ନେତା ଅଜୟ ରାୟ । କଂଗ୍ରେସ ନେତାଙ୍କୁ ଜବାବ ଦେବାକୁ ଯାଇ ସ୍ମୃତି ଇରାନୀ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ କାଉଁଟର କରିଛନ୍ତି । ସ୍ମୃତି ଇରାନୀ ଟୁଇଟରେ ଲେଖିଛନ୍ତି ଯେ ଶୁଣାଯାଉଛି ରାହୁଲ ଗାନ୍ଧୀ କୁଆଡେ ନିଜର ଜଣେ ଅଭଦ୍ର ଆଂଚଳିକ ନେତାଙ୍କୁ ଦ୍ୱାରା ୨୦୨୪ରେ ଆମେଠିରୁ ନିର୍ବାଚନ ଲଢିବା ପାଇଁ ଘୋଷଣା କରିଛନ୍ତି । ଏହା ଅର୍ଥ କଣ ଆପଣ ଆମେଠିରୁ ଲଢିବା ଏକ ପ୍ରକାର ସ୍ଥିର ବୋଲି ମୁଁ ଭାବିବି କି ? କୌଣସି ଅନ୍ୟ ଆସନ ପାଇଁ ଆମେଠି ଛାଡି ପଳାଇବେନି ତ ? ଭୟଭିତ ହେବେନି ତ ? ଆପଣଙ୍କୁ ଓ ଆପଣଙ୍କ ମାଙ୍କ ମହିଳା ବିରୋଧୀ ଗୁଣ୍ଡାଙ୍କ ପାଇଁ ଜଣେ ସଭ୍ୟ ଭାଷଣ ଲେଖକଙ୍କ ଆବଶ୍ୟକତା ରହିଛି । କଂଗ୍ରେସ ନେତାଙ୍କ ଏହି ବୟାନ ପରେ ବିଜେପି ଆକ୍ରାମକ ହୋଇପଡିଛି । ବୟାନ ପାଇଁ କଂଗ୍ରେସ ନେତାଙ୍କଠୁ କ୍ଷମା ଦାବି କରିଛି । କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅଜୟ ରାୟ ଯେଉଁ ବୟାନ ଦେଇଛନ୍ତି ଏନେଇ ଆପତି ପ୍ରକାଶ କରିଛି ଦିଲ୍ଲୀ ମହିଳା କମିଶନ । ଜେରା ପାଇଁ ସମନ ପଠାଇଛି ମହିଳା କମିଶନ । ଡିସେମ୍ବର ୨୮ ତାରିଖରେ ହାଜର ହେବାକୁ ସମନରେ କୁହାଯାଇଛି ।

## ରାଜସ୍ଥାନ କଂଗ୍ରେସର ବଡ଼....

ବିଶେଷଜ୍ଞଙ୍କ କହିବା ଅନୁସାରେ ଓଡିଶାରେ ଏଭଳି ଯୋଜନା ଲାଗୁକରାଯାଇପାରିବ । ଏହାର କାରଣ ବି କହିଛନ୍ତି ବିଶେଷଜ୍ଞ । ଏଥିପାଇଁ ରାଜ୍ୟ ସରକାର ସକ୍ଷମ ଅଛନ୍ତି ଓ ମହିଳା, ଗରିବ ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ । ତେବେ ଆଗକୁ ଯେଭଳି ଆର୍ଥିକ ବୋଝ ନ ପଡିବ ସେ ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି କହିଛନ୍ତି ବିଶେଷଜ୍ଞ । କେନ୍ଦ୍ର ସରକାର ମହିଳାଙ୍କ ପାଇଁ ଉଜ୍ଜଳା ଯୋଜନା ଆରମ୍ଭ କରିଥିଲେ । କିନ୍ତୁ ଗ୍ୟାସଦର ଯୋଗୁଁ ଏହାର ଲାଭ ଅନେକ ଉଠାଇପାରୁନାହାନ୍ତି । ଅଶୋକ ଗେହଲଟଙ୍କ ଘୋଷଣାରେ ଭୋଟ ରାଜନୀତି ଥାଇପାରେ, କିନ୍ତୁ ଜନସେବା ରହିଛି ବୋଲି ମତପ୍ରକାଶ ପାଇଛି ।

## ଧରାହେଲେ ମୋ ବସ୍ ....

ସେମାନଙ୍କ ଠାରୁ ନଗଦ ୫୭ ହଜାର ଟଙ୍କା ଓ ୯ଟି ମୋବାଇଲ୍ ଜବତ କରାଯାଇଛି । କିଛି ଦିନ ତଳେ ମୋ ବସ୍‌ରେ ୪୨ ହଜାର ଟଙ୍କା ଚୋରି ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ବିରଞ୍ଚି ନାରାୟଣ ସେଠୀ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ । ନୟାପଲ୍ଲୀ ଥାନାର ଟିମ୍ ଓ ସ୍ପେଶାଲ ସ୍କ୍ୱାଡ୍ ଘଟଣାର ତଦନ୍ତ କରି ଏହି ଲୁଟେରା ଗ୍ୟାଙ୍ଗଙ୍କୁ ଧରିଥିଲେ । ଅନ୍ୟ ଗ୍ୟାଙ୍ଗଗୁଡ଼ିକୁ ଚିହ୍ନଟ ନେଇ ଉଦ୍ୟମ ଜାରି ରହିଛି ବୋଲି ଡିସିପି କହିଛନ୍ତି ।

# ସରଗିଫୁଲ-୨୦୨୨ ଉଦ୍‌ଘାଟିତ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ମଙ୍ଗଳବାର ପୂର୍ବାହ୍ନରେ କିଶୋର ପ୍ରତିଭାର ମହାକୁମ୍ଭ 'ସରଗିଫୁଲ'-୨୦୨୨ର ଦ୍ୱାଦଶ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା 'ସରଗିଫୁଲ'-୨୦୨୨ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥିମାନେ ଏହି ମହୋତ୍ସବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁଗାୟିତ ପ୍ରତିଭାର ବିକାଶରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । 'ସରଗିଫୁଲ' ଭଳି ଛାତ୍ରଛାତ୍ରୀଙ୍କ ପ୍ରତିଭା ସର୍ବତ୍ର ମହକିବ । ଏ ଦିଗରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ପ୍ରତ୍ୟେକଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତ ଦେଇଥିଲେ । 'ସରଗିଫୁଲ୍'-୨୦୨୨ ମହୋତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷାପୁଂଜ ସମୂହରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ୧୦୬୯ ଜଣ ଛାତ୍ରଛାତ୍ରୀ ଏବଂ ୧୪୯ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଛନ୍ତି । ରାଜ୍ୟସ୍ତରୀୟ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଗତ ନଭେମ୍ବର ମାସରେ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ ବିଜେତାଙ୍କୁ ହିଁ ଚୟନ କରାଯାଇଥିଲା । 'ସରଗିଫୁଲ୍'-୨୦୨୨ ଉତ୍ସବରେ ବରିଷ୍ଠ ଓ କନିଷ୍ଠ ବିଭାଗ ପାଇଁ ପ୍ରତ୍ୟେକ ଦିନ ସୁଦୃଶ୍ୟ ଭାବରେ ନିର୍ମିତ ୨୫ଟି ଷ୍ଟଲରେ ପିଲାମାନେ ବିଭିନ୍ନ କର୍ମଶାଳାରେ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରି ନୂତନ ଜ୍ଞାନ ଆହରଣ କରିବାର ସୁଯୋଗ ପାଉଛନ୍ତି । ସେହିଭଳି ୧୪ଟି ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ ପିଲାମାନଙ୍କ ଜ୍ଞାନର ବିକାଶ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି । ପ୍ରତ୍ୟେକ ସନ୍ଧ୍ୟାରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । ଏହି ଅବସରରେ ଆୟୋଜିତ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଛି । ଏହି ବିଜ୍ଞାନମେଳାରେ ୪୦ଟି ଷ୍ଟଲରେ ୮୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ୪୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନମେଳା ବେଶ୍ ଆକର୍ଷଣୀୟ ହୋଇଛି । 'ସରଗିଫୁଲ୍'-୨୦୨୨ ଡିସେମ୍ବର ୨୦ ତାରିଖଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୩ ତାରିଖ ଦିନ ପୂର୍ବାହ୍ନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦାନପୂର୍ବକ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି ।

# ଡିସେମ୍ବର ୨୪ ରୁ ସୈନିକସ୍କୁଲ ଭୁବନେଶ୍ୱରର ହୀରକ ଜୟନ୍ତୀ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ସୈନିକସ୍କୁଲ ଆସନ୍ତା ୨୪ ଓ ୨୫ ତାରିଖରେ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଛି । ସୈନିକସ୍କୁଲ ଭୁବନେଶ୍ୱର ୧୫ ଜାନୁଆରୀ ୧୯୬୨ ମସିହାରେ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ବର୍ତ୍ତମାନର ନିଜସ୍ୱ ଅଟ୍ଟାଳିକା ୮ ଜାନୁଆରୀ ୧୯୬୪ରେ ପଣ୍ଡିତ ଜବାହରଲାଲ ନେହେରୁ ଉଦଘାଟନ କରିଥିଲେ । ଚଳିତ ବର୍ଷ ସୈନିକସ୍କୁଲର ହୀରକ ଜୟନ୍ତୀ ସହିତ ଛାତ୍ରପରିଷଦର ସୁବର୍ଣ୍ଣ ଜୟନ୍ତୀ ଜୟନ୍ତୀ ମଧ୍ୟ ପାଳନ କରାଯିବ । ୨୪ ଡିସେମ୍ବର ଉତ୍ସବରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ମୁଖ୍ୟ ଅତିଥିଙ୍କୁ କୃଷି,ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ତଥା ପୁରାତନ ଛାତ୍ର ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ବିଦ୍ୟାଳୟର ଅଧ୍ୟକ୍ଷ କର୍ଣ୍ଣେଲ ବାଲୁଭରତ , ଲେଫ୍ଟନାଂଟ; ଜେନେରାଲ ଜେ.କେ. ମହାନ୍ତି(ଅବସରପ୍ରାପ୍ତ) ଏବଂ ପୁରାତନ ଛାତ୍ରପରିଷଦ ସଭାପତି ହରଦମନ ସିଂ ସ୍ୱାଗତ କରିବେ । ମୁଖ୍ୟମନ୍ତ୍ରୀ ସୈନିକସ୍କୁଲର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଆବକ୍ଷ ମୂର୍ତି ଅନାବରଣ କରିବା ସହିତ ୮ ନଭେମ୍ବର ୨୦୨୦ରେ ଜାମୁ କାଶ୍ମୀରି ସୀମାନ୍ତରେ ଉଗ୍ରବାଦୀଙ୍କ ସହିତ ଅସୀମ ସାହସର ସହିତ ଲଢେଇ କରି ସହୀଦ ହୋଇଥିବା ମରଣୋତର ସୌର୍ଯ୍ୟଚକ୍ର ଉପାଧିପ୍ରାପ୍ତ କ୍ୟାପଟେନ ଆଶୁତୋଷ କୁମାରଙ୍କ ପିତାମାତାଙ୍କୁ ଅଭିନନ୍ଦନ ଜଣାଇବେ । ୨୫ ଡିସେମ୍ବର ଉତ୍ସବର ଦ୍ୱିତୀୟ ଦିନରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସହୀଦ ସ୍ମୃତିସ୍ମାରକୀ ପରିସରରେ ବିଦ୍ୟାଳୟର ସତର ଜଣ ବୀର ସହୀଦଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରିବେ ।ଏତଦ ବ୍ୟତୀତ ସେ ପୁରାତନ ଛାତ୍ରପରିଷଦର ସ୍ମରଣିକା ଉନ୍ମୋଚନ କରିବା ସହିତ , ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରିବେ ଏବଂ କ୍ୟାଡେଟ ମାନଙ୍କୁ ଉଦବୋଧନ ଦେବେ ।

# ବ୍ଲକ ସ୍ତରୀୟ ଦୌଡ କୁଦ ପ୍ରତିଯୋଗିତା : ୩୦୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଜଳେଶ୍ୱର, ୨୦/୧୨(ନି.ପ୍ର): ଚଳିତବର୍ଷ ଜଳେଶ୍ୱର ବ୍ଲକ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଶ୍ରୀଶ୍ରୀ ବରାଳ ବାଲୁକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତାଭାବେ ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି ଯୋଗ ଦେଇ ଶ୍ରୀକ୍ଷାରତ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ ଲାଗି ଦୌଡକୁଦ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ । ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷାଧିକାରୀ ଅଜୟ କୁମାର ଜେନାଙ୍କ ପୌରହିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀକାନ୍ତ ଚରଣ ଦାସ, ସରପଂଚ ବିଦ୍ୟାଧର ମଲ୍ଲିକ, ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା ବକ୍ତବ୍ୟ ରଖିଥିବା ବେଳେ ସରୋଜ ପାଣିଗ୍ରାହୀ ମଂଚ ଆହ୍ୱାନ, ହରମୋହନ ମହାନ୍ତି ବିବରଣୀ ପାଠ ଓ ସିଦ୍ଧେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କ୍ରିକେଟ, ଭଲିବଲ୍, କବାଡି, ଡିସ୍‌କାସ୍ ଥ୍ରୋ, ସଟ୍‌ପୁଟ ଥ୍ରୋ, ଜେଭଲିନ୍ ଥ୍ରୋ, ଯୋଗ, ଖୋକ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଏବଂ ବିଭିନ୍ନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମାନସ କୁମାର ଜେନା, ମୁଖ୍ୟବକ୍ତାଭାବେ ଜିଲା ଶାରିରୀକ ଶିକ୍ଷା ପ୍ରଶିକ୍ଷକ ଅଶୋକ କୁମାର ନାୟକ, ଡ. ଅଜିତ୍ ମହାନ୍ତ, ବଂଶିଧର ବାରିକ, ରାମକୃଷ୍ଣ ଦାସ, ଅଜୟ କୁମାର ଜେନା, ହରମୋହନ ମହାନ୍ତି ଓ ରଜନୀ ହାଁସଦା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ୧ନଂ ହୋଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଖୋକ, ଯୋଗ, କ୍ରିକେଟ, ଭଲିବଲ୍ ଓ କବାଡିରେ ଖେଳିଥିବା ଛାତ୍ରଛାତ୍ରୀମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ୟୁଟ୍ୟୁବରେ ମିଥ୍ୟା ସୂଚନା ପ୍ରବାହ ଉପରେ ଭାରତ ସରକାରଙ୍କ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୦/୧୨ : ପିଆଇବି ଫ୍ୟାକ୍ଟ ଚେକ ୟୁନିଟ (ଏଫସିୟୁ), ୪୦ରୁ ଅଧିକ ସିରିଜ ଫ୍ୟାକ୍ଟ-ଚେକ ଦ୍ୱାରା ଭାରତରେ ମିଥ୍ୟା ଖବର ପ୍ରସାରଣ କରିଥିବା ୩ଟି ୟୁଟ୍ୟୁବ ଚ୍ୟାନେଲର ପର୍ଦ୍ଦାଫାସ କରିଛି। ଏହି ୟୁଟ୍ୟୁବ ଚ୍ୟାନେଲଗୁଡ଼ିକର ପାଖାପାଖି ୩୩ ଲକ୍ଷ ଉପଭୋକ୍ତା ଥିଲେ ଏବଂ ଏଗୁଡ଼ିକର ମିଥ୍ୟା ଖବର ସମ୍ପର୍କିତ ଭିଡ଼ିଓ ଗୁଡିକୁ ୩୦ କୋଟିରୁ ଅଧିକ ଥର ଦେଖାଯାଇଥିଲା। ପ୍ରଥମ ଥର ପାଇଁ ସୋସିଆଲ ମିଡିଆରେ ମିଥ୍ୟା ଖବର ଉପରେ ବ୍ୟକ୍ତିଗତ ପୋଷ୍ଟଗୁଡ଼ିକୁ ଦୃଷ୍ଟିରେ ରଖି ପିଆଇବି ତମାମ ୟୁଟ୍ୟୁବ ଚ୍ୟାନେଲଗୁଡ଼ିକର ଖୁଲାସା କରିଛି । ଏହି ୟୁଟ୍ୟୁବ ଚ୍ୟାନେଲଗୁଡ଼ିକ ଭାରତର ସୁପ୍ରିମକୋର୍ଟ, ମାନନୀୟ ପ୍ରଧାନ ବିଚାରପତି, ସରକାରୀ ସ୍କିମ, ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ), କୃଷି ଋଣ ଛାଡ଼ ଇତ୍ୟାଦି ଅନେକ ମିଥ୍ୟା ଖବର ବାବଦରେ ମିଛ ଏବଂ ସମ୍ବେଦନାତ୍ମକ ଦାବି ପ୍ରସାରଣ କରିଥାନ୍ତି । ଉଦାହରଣ ସ୍ୱରୂପ, ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ଭବିଷ୍ୟତର ନିର୍ବାଚନ ବାଲଟ ପେପରରେ ସମ୍ପାଦନ କରାଯିବ; ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ ଏବଂ ପାନ କାର୍ଡ ଥିବା ଲୋକଙ୍କୁ ସରକାର ଟଙ୍କା ଦେଉଛନ୍ତି; ଇଭିଏମ ନିଷେଧ ଇତ୍ୟାଦି । ଏହି ୟୁଟ୍ୟୁବ ଚ୍ୟାନେଲଗୁଡ଼ିକ ସେମାନଙ୍କ ଖବରଗୁଡ଼ିକୁ ଦର୍ଶକଙ୍କ ଆଖିରେ ସତ୍ୟ ଦର୍ଶାଇବା ଲାଗି ତଥା ସେଗୁଡିକୁ ବିଭ୍ରାନ୍ତ କରିବା ପାଇଁ ଟିଭି ଚ୍ୟାନେଲ ଲୋଗୋ ଏବଂ ସେମାନଙ୍କ ନ୍ୟୁଜ ଆଙ୍କରଙ୍କ ଫଟୋ ଥିବା ମିଥ୍ୟା ତଥା ସମ୍ବେଦନାତ୍ମକ 'ଥମ୍ବନେଲ' ବ୍ୟବହାର କରୁଥିବା ଜଣାପଡ଼ିଥିଲା। ଏହି ଚ୍ୟାନେଲଗୁଡ଼ିକ ସେମାନଙ୍କ ଭିଡିଓରେ ବିଜ୍ଞାପନ ପ୍ରଦର୍ଶନ କରୁଥିଲେ, ଏବଂ ୟୁଟ୍ୟୁବରେ ମିଥ୍ୟା ଖବରରୁ ଅର୍ଥ ଉପାର୍ଜନ କରୁଥିବା ଜଣାପଡ଼ିଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଗତ ବର୍ଷକରେ ଶହେରୁ ଅଧିକ ୟୁଟ୍ୟୁବ ଚ୍ୟାନେଲକୁ ବ୍ଲକ କରାଯିବା ପରେ ପିଆଇବି ଫ୍ୟାକ୍ଟ ଚେକ ୟୁନିଟ ଦ୍ୱାରା ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ସ୍ମାରକପତ୍ର



ବାଲେଶ୍ୱର, ୨୦/୧୨ (ନି.ପ୍ର): ସହର ତଥା ତଳି ଅଞ୍ଚଳର ସରକାରୀ ଜାଗାରେ ବସବାସ କରୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନରେ ପ୍ରଶାସନର ଖାମଖିଆଲି ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଜାଗ୍ରତ ନାରୀ ସଗଠନ। ଏହି ପରିପ୍ରେକ୍ଷୀରେ ବସ୍ତିବାସିନ୍ଦାଙ୍କୁ ନେଇ ସଂଗଠନର କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ସେମାନଙ୍କ ପ୍ରତି ରେମୁଣା ଓ ସଦର ତହସିଲ ପକ୍ଷରୁ ହେଉଥିବା ଅବହେଳା ସମ୍ପର୍କରେ ଅବଗତ କରିଛନ୍ତି। ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଯୋଜନା ଅନୁସାରେ ଦୁଇ ତହସିଲରେ ବାରମ୍ବାର ଆବେଦନ କରିବା ପରେ ବି ସେମାନଙ୍କୁ ପଟ୍ଟା ମିଳୁ ନଥିବା ସଂଗଠନର କର୍ମକର୍ତ୍ତା କହିଛନ୍ତି। ଘରଡିହ ପଟ୍ଟା ନ କରିବା ଯୋଗୁଁ ଭୂମିହୀନ ପରିବାରଙ୍କୁ ତହସିଲରୁ କୌଣସି ପ୍ରମାଣପତ୍ର ମିଳିପାରୁ ନାହିଁ। ପ୍ରମାଣପତ୍ର ଅଭାବରୁ ସେମାନଙ୍କ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ସଂଗଠନର ସଭାନେତ୍ରୀ ମମତା ଦାସ ଆରୋପ କରିଛନ୍ତି। ଅନ୍ୟପକ୍ଷରେ ଆବାସ ଯୋଜନାରେ ସେମାନେ ସାମିଲ ହୋଇପାରୁ ନଥିବା ଶ୍ରୀମତୀ ଦାସ କହିଛନ୍ତି। ଏନେଇ ଗତ ଜୁଲାଇ ମାସ ୨୬ ତାରିଖରେ ଜାଗ୍ରତ ନାରୀ ସଂଗଠନ ନେତୃତ୍ୱରେ ୫୦୦ରୁ ଉର୍ଦ୍ଧ୍ୱ ବସ୍ତି ପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଘରଡିହ ପଟ୍ଟାରୁ କେହି ଭୂମିହୀନ ପରିବାର ବଞ୍ଚିତ ହେବେ ନାହିଁ ବୋଲି ସେତେବେଳେ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି ଭୂମିହୀନ ବସ୍ତିବାସିନ୍ଦାଙ୍କ ଆବେଦନ ଉପରେ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ସଂଗଠନ ପକ୍ଷରୁ ଆରୋପ ହୋଇଛି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ଆସନ୍ତା ଜନରାଜ୍ୟ ଦିବସ ଅର୍ଥାତ ୨୦୨୩ ଜାନୁଆରୀ ୨୬ ତାରିଖରୁ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଜାରି ରହିବ ବୋଲି ସଂଗଠନର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଗୋବିନ୍ଦ ସାହୁଙ୍କୁ ମାରିଲେ ନା ମରିବାକୁ ବାଧ କରାଗଲା ତାହାର ତଦନ୍ତ ହେଉ : ବିଜେପି

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାରେ ଭାରତୀୟ ଜନତା ପାର୍ଟୀ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇଛି। ବିଜେପି ମହିଳା ମୋର୍ଚ୍ଚାର ସଭାପତି ସ୍ମୃତି ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ମାମଲାରେ ଗୋବିନ୍ଦଙ୍କ ପାଖରେ ସବୁ ତଥ୍ୟ ଥିଲା, ଆତ୍ମହତ୍ୟା ପାଇଁ ବାଧକଲେ। ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନଚିଟ ପାଇଁ ଉଦ୍ୟମ ହୋଇଥିବା ସେ କହିଛନ୍ତି । ମାରିଲେ ନହେଲେ ମରିବାକୁ ବାଧ କଲେ ଏହାର ତଦନ୍ତ ହେବା ଦରକାର କହିଛନ୍ତି। ସେ କହିଛନ୍ତି ଯେ ଗୋବିନ୍ଦ ସାହୁଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ କରାଯାଇଛି। ଗୋବିନ୍ଦର ମୃତ୍ୟୁ ପରେ ମାମଲାରେ ସମ୍ପୃକ୍ତି ଥିବା ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନ୍‌ଚିଟ୍ ମିଳିଯିବ। ଏଠି ଯିଏ ସତ ଜାଣିଛି, ତାକୁ ଆତ୍ମହତ୍ୟା କରିବାକୁ ବାଧ କରାଯାଏ ନହେଲେ ହତ୍ୟା କରିଦିଆଯାଏ। ଏଭଳି କେସ୍‌କୁ କ୍ଲୋଜ୍ କରିବାରେ ସଫଳ ହେଉଛି ଏ ସରକାର। ଏ ସରକାର ଅପରାଧୀର ସରକାର ବୋଲି ସ୍ମୃତି କହିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ ଜେଲ ଭିତରେ ଆତ୍ମହତ୍ୟା କଣ ସମ୍ଭବ କି ? ଏହାର ତଦନ୍ତ କରାଯାଉ।

# ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ




ବାଲେଶ୍ୱର, ୨୦/୧୨ (ନି.ପ୍ର): ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ସଂଘ ବାଲେଶ୍ୱର କ୍ଲଷ୍ଟରର ଏକ ବୈଠକ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ବୈକୁଣ୍ଠ ନାଥ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପ-ସଭାପତି ମଧୁସୁଦନ ରାଉତ ଓ କୋଷାଧ୍ୟକ୍ଷ ପ୍ରକାଶ ରଥ ଏଥିରେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ସରକାରୀ ଅବହେଳା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ କୁମାର ସେଠୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଓ ପେନସନ ବ୍ୟବସ୍ଥାର ସୁଧାର ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିୟମିତ କର୍ମଚାରୀଙ୍କ ଭଳି ସୁବିଧା ସୁଯୋଗ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ସଂଘର ବରିଷ୍ଠ ସଦସ୍ୟ ମାନସ ପାଣିଗ୍ରାହୀ ଓ ପ୍ରତାପ ନାୟକ ଏଥିରେ ମତାମତ ରଖିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆର ବିଭିନ୍ନ ଶାଖାରୁ ଅବସର ନେଇଥିବା ଜିଲ୍ଲାର ୪୦ଜଣ ପୂର୍ବତନ କର୍ମଚାରୀ ଯୋଗଦେଇଥିଲେ। ଅନୀଲ କୁମାର ପଟ୍ଟନାୟକ, ମୃତ୍ୟୁଞ୍ଜୟ ପ୍ରଧାନ, ଗୋପାଳ ଚନ୍ଦ୍ର ଦାସ, ପ୍ରଭାକର ଦାସ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଦିବ୍ୟାଙ୍ଗ ଛାତ୍ରଙ୍କୁ ମିଳିଲା ସରକାରୀ ସହାୟତା

ଭଦ୍ରକ, ୨୦/୧୨ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର ଗଣେଷ କାଣ୍ଡିଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଗଣେଷକୁ ବିଦ୍ୟାଳୟକୁ ଯାତାୟତ ପାଇଁ ଟ୍ରାଇ ସାଇକେଲ ଓ ବାଣିଶ୍ରୀ ଭତ୍ତା ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଓ ସମାଜସେବୀ ବିଶ୍ୱମ୍ବର ରାଉତଙ୍କ ଉଦ୍ୟମ କ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ, ମୁଖ୍ୟ ସହାୟକ ଫିର୍ଦ୍ଦୋଶ ଆଲାମ, କର୍ମଚାରୀ ସୁଧାଂଶୁ ପାଢୀ ପ୍ରମୁଖ ଗଣେଷକୁ ଏହି ଉପକରଣ ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗଣେଷ ପିତା ଷୋଳମପୁର ଗ୍ରାମ(ଖପୁରିଆପଦା) ସାହିର ପ୍ରମୋଦ ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ଜୟଶ୍ରୀ ଦାସ ବ୍ଲକ ପ୍ରଶାସନ ପ୍ରତି କୃତଜ୍ଞତାଜ୍ଞାପନ କରିଛନ୍ତି।

# ମଡ଼ର୍ଣ୍ଣ ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ

ବାଲେଶ୍ୱର, ୨୦/୧୨ (ନି.ପ୍ର): ମେଘଡମ୍ବରୁ ସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ ତଥା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରଫେସର ଡ. ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ସମେତ ଅନ୍ୟାନ୍ୟ ଶିକ୍ଷଣୀୟ ବିଷୟ ପ୍ରତି ଆଗ୍ରହ ବୃଦ୍ଧିରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଜ୍ଞାନ ଏବଂ ଗଣିତର ବ୍ୟବହାର ସମ୍ପର୍କରେ ଡ. ପାତ୍ର ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକମାନେ ଏହି ପ୍ରଦର୍ଶନୀର ପର୍ଯ୍ୟବେକ୍ଷକ ତଥା ବିଚାରକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏଥିରେ ୯ଟି ବିଭାଗରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପର୍ଯ୍ୟବେକ୍ଷକମାନେ ପ୍ରଦର୍ଶନୀର ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହ ସମ୍ପୃକ୍ତ ବିଷୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟଙ୍କ ସମେତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଆଗାମୀ ପୁରୁଷ ବିଶ୍ୱକପ ହକି ମ୍ୟାଚ ପାଇଁ ବ୍ଲକସ୍ତରୀୟ ୨ ଦିବସୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ନୀଳଗିରି, ୨୦/୧୨ (ନି.ପ୍ର): ରାଜ୍ୟର ହକି ଖେଳକୁ ପ୍ରୋତ୍ସାହନ କରିବା ପାଇଁ ଆଗାମୀ ୨୦୨୩ ମସିହାରେ ହକି ବିଶ୍ୱକପ ଅନୁଷ୍ଠିତକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନସ୍ଥ ଜାମୁଡିହା ସ୍ଥିତ ଅର୍ଜୁନ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ୨ ଦିନିଆ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ କ୍ରୀଡା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗ ଦେଇ ଶୁଭ ଉଦଘାଟନ କରିବା ସହ କ୍ରୀଡା ହିଁ ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ଅର୍ନ୍ତନିହିତ ଗୁଣକୁ ପରିପ୍ରକାଶ କରିଥାଏ। ସୁସ୍ଥ ଓ ଧିଶକ୍ତି ସମ୍ପନ୍ନ ଛାତ୍ରଛାତ୍ରୀ ମାନେ ହିଁ ଆଗାମୀ ଦିନରେ ନିଜର କଳାନୈପୁଣ୍ୟକୁ ପ୍ରଦର୍ଶିତ କରିବା ପାଇଁ କ୍ରୀଡା ହିଁ ଉପଯୁକ୍ତ ମାଧ୍ୟମ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି ଯୋଗ ଦେଇ ରାଜ୍ୟ ସରକାରଙ୍କର ଏଭଳି ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ।ଉକ୍ତ ମହୋତ୍ସବରେ ନୀଳଗିରି ବିଇଓ ସ୍ନିଗ୍ଧା ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଯୋଗେନ୍ଦ୍ର ସେଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଜୁନ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଇନିସପେକ୍ଟର ଅଫ ଫିଜିକାଲେଜୁକେସନ ବାଲେଶ୍ୱରର ଅଶୋକ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣଚନ୍ଦ୍ର ଜେନା ପ୍ରମୁଖ ମଂଚାସୀନ ଥିଲେ। ବ୍ଲକର ୯୪ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି କ୍ରୀଡା ମହୋତ୍ସବରେ ଯୋଗଦାନ କରିଥିବା ବେଳେ ୧୪ ବର୍ଷରୁ କମ ୧୧୫ ଜଣ ଛାତ୍ରଛାତ୍ରୀ ଏବଂ ୧୭ ବର୍ଷରୁ କମ ୧୭୨ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ଓଡ଼ିଶାରେ ଶିକ୍ଷାର ବିକାଶ କ୍ଷେତ୍ରରେ ଉତ୍କଳମଣିଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର




ଉଦଳା, ୨୦/୧୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଚଳିତ ଡ଼ିସେମ୍ବର ୧୯ ତାରିଖ ସୋମବାର ଦିନ 'ଓଡ଼ିଶାରେ ଶିକ୍ଷାର ବିକାଶ କ୍ଷେତ୍ରରେ ଉତ୍କଳମଣି ଗୋପବନ୍ଧୁଙ୍କ ଭୂମିକା ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଳା ମହାବିଦ୍ୟାଳୟର ପ୍ରଫେସର ଡ଼କ୍ଟର ଭୋଳାନାଥ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁ ପ୍ରତିଷ୍ଠା କରିଥିବା ସତ୍ୟବାଦୀ ବନବିଦ୍ୟାଳୟ ସମଗ୍ର ଓଡ଼ିଶାରେ କିପରି ବିପ୍ଳବ ସୃଷ୍ଟି କରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ମେରିନା ପଣ୍ଡା ଓ ଅଧ୍ୟାପକ ରାଜକିଶୋର ବେହେରା ଗୋପବନ୍ଧୁଙ୍କ ସେବା , ତ୍ୟାଗ କାହାରି ସହିତ ତୁଳନୀୟ ନୁହେଁ ବୋଲି କହିବା ସହ ବଞ୍ଚି ରହିବା ପାଇଁ ଶିକ୍ଷା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ବୋଲି ଅନୁଭବ କରି ଏହାର ବିକାଶ ପାଇଁ ସେ କିପରି ତତ୍ପର ହୋଇ ଉଠିଥିଲେ । ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ମଞ୍ଜୁଳା କଲିଆ ଓ ଅଧ୍ୟାପକ ରବିନାରାୟଣ ମହାପାତ୍ର ଅଂଶ ଗ୍ରହଣ କରି ଓଡ଼ିଆ ଭାଷା ସାହିତ୍ୟକୁ ରକ୍ଷା କରିବା ଓ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାରେ ଉତ୍କଳମଣିଙ୍କ ଅବଦାନ କିପରି ଥିଲା ବ୍ୟକ୍ତ କରିଥିଲେ । +୩ ଶିକ୍ଷା ବିଭାଗର ଛାତ୍ରୀ ସବିତା ସୋରେନ, ଜ୍ୟୋତି ସିଂ ଓ ଝୁନୁ ବିଶ୍ୱାଳ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଡ଼େମନଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ସାମଲ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଭେଷଜ ବିଜ୍ଞାନ ଶିକ୍ଷା ପାଇଁ ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି

ପୁରୀ, ୨୦/୧୨ (ନି.ପ୍ର): ଭେଷଜ ବିଜ୍ଞାନ ଶିକ୍ଷା ପାଇଁ ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ସମ୍ପର୍କୀୟ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଗୋପାଳପୁର ଆଇଏମଟି କଲେଜ ଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ନୂତନ ଶିକ୍ଷାନୀତିରେ ମାତୃଭାଷାରେ ବୈଷୟିକ ଶିକ୍ଷା ନୀତିକୁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା ମନ୍ତ୍ରଣାଳୟର ବୈଜ୍ଞାନିକ ତଥା ଟେକନିକାଲ ଶବ୍ଦାବଳୀ ଆୟୋଗ ପ୍ରାୟୋଜିତ ଓ ଆଇଏମ୍‌ଟି ଫାର୍ମାସୀ କଲେଜ ସହଭାଗିତାରେ ଏହି ସଂଗୋଷ୍ଠୀ ଆରମ୍ଭ ହୋଇଛି । ଭେଷଜ ବିଜ୍ଞାନ ପାଇଁ ଇଂରାଜୀରୁ ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି କରାଯିବ । ଏହାକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ । ଏଥିରେ ଭାଷାବିତ୍ ପଦ୍ମଶ୍ରୀ ଡ଼. ଦେବୀପ୍ରସନ୍ନ ପଟ୍ଟନାୟକ, ସୋ।ଅ। ଇନଭରସିଟ୍‌ର କୁଳପତି ପ୍ରଫେସର ଅଶୋକ ମହାପାତ୍ର,ଆୟୋଗର ଅଧକ୍ଷ ଡ଼, ଗିରିଶ୍ ନାଥ ଝା ଯୋଗ ଦେଇଥିଲେ । କଲେଜର ନିର୍ଦ୍ଦେଶକ ମନୋଜ ରଥ, ଅନ୍ନଦା ପ୍ରସାଦ ମହାପାତ୍ର, ଡ଼. ଭୀମସେନ ବେହେରା ଯୋଗ ଦେଇ ଶବ୍ଦକୋଷ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଅଧକ୍ଷ ଡ଼. ଅଗ୍ନିମିତ୍ର ବିନ୍ଦା, ବିଭିନ୍ନ ଫାର୍ମାସୀ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ଭାଷା ସାହିତ୍ୟ କ୍ଷେତ୍ରରେ ବରିଷ୍ଠ ବିଦ୍ୱାନମାନେ ଯୋଗ ଦେଇଥିଲେ।

# ସୁଆର ନଥିବାରୁ ଠାକୁର ଓପାସରେ ରହୁଛନ୍ତି

ବାରିପଦା, ୨୦/୧୨ (ନି.ପ୍ର): ବାରିପଦା ସ୍ଥିତ ( ମାଉସୀ ମା ) ରାଧାମୋହନ ମନ୍ଦିରରେ ମହାପ୍ରଭୁଙ୍କ ଆଜି ଭୋଗ ନିତୀୟାନୀ ବନ୍ଦ ରହିଛି । ଦେବତୋର ବିଭାଗର ଉଦାସୀନତା ଯୋଗୁଁ ନିତୀୟାନୀରେ ଅସୁବିଧା ଲାଗିରହିଥିବା ବେଳେ ଆଜି ସକାଳ ପାଖରୁ ସଂପୂର୍ଣ୍ଣ ବନ୍ଦ ରହିଛି । ଆଜି ଭୋଗ ନଲାଗିବା ଫଳରେ ଠାକୁର ଭୋକ ଉପାସରେ ରହିବା ସହ ରୀତିନୀତି ଠିକ ସେ ହୋଇପାରୁନାହିଁ । ସୂଚନା ଅନୁଯାୟୀ, ମନ୍ଦିରରେ କାର୍ଯ୍ୟ କରୁଥିବା ଜଣେ ସୁଆର (ରୋଷେଇ କରୁଥିବା ସେବାୟତ) ସରକାରଙ୍କ ପାଖରୁ ଦରମା ନପାଇବା ଫଳରେ କାର୍ଯ୍ୟ ଛାଡିଦେବା ନେଇ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ପ୍ରତିବଦଳରେ ନୂତନ ସୁଆର ଖୋଜିବା ପାଇଁ ଜଣାଇବା ସହ ଆଜି ଠାରୁ କାର୍ଯ୍ୟରୁ ଅବ୍ୟାହତ ନେବେ ବୋଲି ମଧ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ । ତେଣୁ ଆଜି ସୁଆର ମନ୍ଦିରକୁ ନଆସିବା ଫଳରେ ସକାଳ ୭ଟାରେ ପୌଷ ଖେଚୁଡ଼ି ଏବଂ ଦିନ ୧୧ଟାରେ ଲାଗୁ ହେଉଥିବା ଅନ୍ନ ଭୋଗ ଠାକୁରଙ୍କ ପାଖେ ଲାଗୁ ହୋଇପାରିନାହିଁ । ଯାହା ଫଳରେ ନୀତିକାନ୍ତି ବିଭ୍ରାଟ ହେଉଥିବା ନେଇ ମନ୍ଦିର ପୁଜକ କହିଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ ଏଦିଗରେ କୌଣସି ବିହିତ ପଦକ୍ଷେପ ନିଆଯାଇ ନଥିବାରୁ ଆଜି ଏଭଳି ପରିସ୍ଥିତି ସାମ୍ନାକୁ ଆସିଛି ବୋଲି ମନ୍ଦିର ପୁଜକ କହିଛନ୍ତି । ଆଜି ବିଳମ୍ବରେ ଅନ୍ନଭୋଗ ପ୍ରସ୍ତୁତ କରିବା ପାଇଁ ଅନ୍ୟ ମନ୍ଦିରରୁ ଜଣେ ସୁଆରକୁ ଡକାଇ ରୋଷେଇ ଆରମ୍ଭ କରାଯାଇଥିଲା । ତେବେ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ ନିମନ୍ତେ ଭକ୍ତ ଓ ସେବାୟତ ଦାବି କରିଛନ୍ତି ।

# ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଉଦ୍‌ଯାପିତ



ଭଦ୍ରକ, ୨୦/୧୨ (ନି.ପ୍ର): ଭଦ୍ରକ ଭୂଖଣ୍ଡ ସଂଗ୍ରାମ, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ ସ୍ଥଳ। ଏହି ମାଟିରେ ହୋଇଥିବା ସ୍ୱାଧୀନତା ସଂଗ୍ରାମର ରକ୍ତଭିଜା ବଳିଦାନ ଓ ବୀରତ୍ୱର ଅପୂର୍ବଗାଥା ଯେପରି ଇତିହାସର ସ୍ମରଣୀୟ ଅଧ୍ୟାୟ ହୋଇରହିଛି ସେପରି ଏହି ମାଟିର ସାରସ୍ୱତ ସାଧକ ମାନେ କାବ୍ୟ,କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ଜଗତରେ କାଳଜୟୀ ସୃଷ୍ଟି କରିଛନ୍ତି । ଏହି ମାଟିର ରାଜନୈତିକ ବ୍ୟକ୍ତିତ୍ୱ ନୂତନ ଓଡିଶା ନିର୍ମାଣ ହେବା ସହିତ ଓଡିଶା ରାଜନୀତିର ନେତୃତ୍ୱ ମଧ ନେଇଛନ୍ତି। ଏଣୁ ଭଦ୍ରକ ମାଟିର ଗୌରବ ଗୀତିକାକୁ ଲୋକ ଲୋଚନକୁ ଆଣିବା ପାଇଁ ମହୋତ୍ସବ ଓ ପୁସ୍ତକ ମେଳା ଏକ ବଳିଷ୍ଠ ମାଧ୍ୟମ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଉଦଯାପନୀ ସଂଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ ଓ ପୁସ୍ତକ ମେଳର ସଭାପତି ଇଂ ଅଭୟ ସୁତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଂଧାରେ ଭଦ୍ରକର ବିଧାୟକ ସଂଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଭଦ୍ରକର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ବିଶିଷ୍ଟ ଅତିଥି ଭାବେ ଯୋଗ କରିଥିଲା ବେଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ର. ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅବସର ପ୍ରାପ୍ତ ପ୍ରାଧାପକ ତଥା ସାରସ୍ୱତ ସାଧକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଓଡିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ,ଓଡ଼ିଡ଼ି ତଥା ଓରିଏଣ୍ଟ ପବ୍ଲିଶର୍ସର ମନୋରଞ୍ଜନ ଦାଶ, ଯୁବନେତା ସୂର୍ଯ୍ୟ ନାରାୟଣ ଦାସ, ସମାଜ ସେବୀ ଆଶିଷ କୁମାର ରାଉତ, ଉତ୍ସର୍ଗ ସଂଗଠନର ସଭାପତି ଅପୂର୍ବ ରଂଜନ ବେହେରା ବରେଣ୍ୟ ଅତିଥି, ଅବସର ପ୍ରାପ୍ତ ଅଧ୍ୟାପକ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡ଼. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଅଷ୍ଟାବକ୍ର ଗୀତା ଓ ମୋହନ ଚରଣ ଖିଲାରଙ୍କ ନୀଡହରା ପକ୍ଷୀଣି ପୁସ୍ତକ ଲୋକାର୍ପିତ ହୋଇଥିଲା। ସଂଠନର ସଂପାଦକ ରବିନାରାୟଣ ଖିଲାର ସ୍ୱାଗତ ଭାଷଣ, ଆବାହକ ନୀହାର ରଂଜନ କର ଅତିଥି ପରିଚୟ ଦେଇଥିଲେ। ରାମଚନ୍ଦ୍ର ପଣ୍ଡା, ରାମନାରାୟଣ ମହାନ୍ତି, ସଂଗ୍ରାମୀ, ଭାଗବତ ସାହୁ ସ୍ମୃତି ସମ୍ମାନ, ବାଇଚଢ଼େଇ ସଂପାଦକ ବିକାଶ କୁମାର ଶତପଥୀ, ପାଲାଗାୟକ ପ୍ରଶାନ୍ତ କୁମାର ବେହେରା ଓ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସଂଗ୍ରାମମୀ କମଳା ପ୍ରସାଦ କର ସ୍ମୃତି ସମ୍ମାନ ସମାଜସେବୀ ନୃସିଂହ ଚରଣ ଖିଲାର,ସାହିତ୍ୟିକ ଦୟାନିଧି ବେହୁରା, ସମାଜସେବୀ ସହଦେବ ସାହୁ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ପ୍ରକୃତି ବଂଧୁ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖଙ୍କୁ ମହୋତ୍ସବ ଓ ପୁସ୍ତକମେଳା ସମ୍ମାନ ଦିଆଯାଇଥିଲା। ଜାନକୀ ପାଢ଼ୀ, ମନୋରମା ରାୟ, ଚୈତାଳୀ ଖିଲାର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସମାଜ ସେବୀକା କଳ୍ପନା ଜେନା ଓ ରଶ୍ମିତା ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁନହଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ




ବାଲେଶ୍ୱର, ୨୦/୧୨ (ନି.ପ୍ର): ସୁନହଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶନୀ ସଂସ୍ଥା ବହିଘର ତଥା ବିଦ୍ୟାଭାରତୀର ମୁଖ୍ୟ କବି ଅଭୟ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ ସହ ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ଶିକ୍ଷା ବିକାଶ ସମିତିର ପୂର୍ବୋତ୍ତର ସମ୍ଭାଗ ପରିଷଦ ସଦସ୍ୟ ଅଭୟ ସୁତାର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସାମ୍ବାଦିକ ବ୍ୟୋମନାଥ ରଥ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରମୋହନ ବେହେରା ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ବାରିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଶିକ୍ଷକ ସନ୍ଦୀପ ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo